ଧରିତ୍ରୀ
DHARITRI
March 22-28, 2020 ₹ 2/-

# ଛୁଟିଦିନ



# ପାଣି ପାଇଁ

ଖରାଦିନ ଆସିଲେ ପାଣି ଚିନ୍ତା ଅଥୟ କରେ। ଚାଷବାସ ତ ଦୂରର କଥା, ପିଇବା ପାଣି ପାଇଁ ସମସ୍ତେ ଡହଳବିକଳ। ଏମିତି ସମସ୍ୟାକୁ ବାର ବାର ସାମ୍ନା କରୁଥିବା ଏହି ଲୋକମାନେ କାହାକୁ ଅପେକ୍ଷା ନ କରି ସମାଧାନର ବାଟ ଖୋଜିଲେ, ନିଜ ପାଇଁ ନିଜେ ଅଣ୍ଟା ଭିଡ଼ିଲେ। କେଉଁଠି ବର୍ଷାଜଳ ସଂରକ୍ଷଣ କଲେ ତ କେଉଁଠି ଝରଣାକୁ ନେଇ ଆସିଲେ ଗାଁକୁ...

୩
ପ୍ରଚ୍ଛଦ ପ୍ରସଙ୍ଗ



ସିନେମା
୮/୯





୧୩
ସହରଠୁ ଦୂର



# ବାସ୍ତୁ ଅନୁଯାୟୀ ଘରର ରଙ୍ଗ

**ବା**ସ୍ତୁଶାସ୍ତ୍ର ଅନୁଯାୟୀ ଦିଗ ଓ ଘର ମାଲିକଙ୍କ ଜନ୍ମତିଥି ଅନୁସାରେ ଘରକୁ ରଙ୍ଗ କରାଯିବା ଉଚିତ। କାରଣ ପ୍ରତ୍ୟେକ ଦିଗ ପାଇଁ ଏକ ରଙ୍ଗ ଥାଏ। ହୋଇପାରେ ଏହା ଘରର ମାଲିକଙ୍କ ସହ ମେଳ ନ ଖାଇପାରେ। ସେଥିପାଇଁ ଘର ମାଲିକଙ୍କୁ ବାସ୍ତୁଶାସ୍ତ୍ର ଅନୁଯାୟୀ ଘରକୁ ରଙ୍ଗ କରାଇବା ଜରୁରୀ।

ଉତ୍ତର-ପୂର୍ବ ପାଇଁ ହାଲୁକା ନୀଳ, ପୂର୍ବ ଧଳା କିମ୍ବା ହାଲୁକା ନୀଳ, ଦକ୍ଷିଣ-ପୂର୍ବ ଦିଗ ଅଗ୍ନି ସହ ଜଡିତ। ତେଣୁ କମଳା, ଗୋଲାପୀ କିମ୍ବା ସିଲ୍‌ଭର ରଙ୍ଗ ଉର୍ଜା ବଢ଼ାଇବା ଲାଗି ବ୍ୟବହାର କରିପାରିବେ। ଉତ୍ତର ଦିଗ ପାଇଁ ସବୁଜ ରଙ୍ଗ ଭଲ। ଉତ୍ତର-ପଶ୍ଚିମ ଦିଗ ବାୟୁ ସହ ଜଡିତ। ତେଣୁ ଧଳା, ହାଲୁକା ଗ୍ରେ, କ୍ରିମ୍ ରଙ୍ଗ ପରଫେକ୍ଟ। ପଶ୍ଚିମ ଦିଗ ବରୁଣଙ୍କର ଅଟେ। ତେଣୁ ନୀଳ ଓ ଧଳା ରଙ୍ଗ ସର୍ବଶ୍ରେଷ୍ଠ। ଦକ୍ଷିଣ-ପଶ୍ଚିମ ଦିଗରେ ଥିବା ଘରେ ଓଦା ମାଟି ରଙ୍ଗ, ହାଲୁକା ବ୍ରାଉନ୍ ରଙ୍ଗ ଦେଇପାରିବେ। ଦକ୍ଷିଣ ଦିଗରେ ଲାଲ ଓ ହଳଦିଆ ରଙ୍ଗ ଦେଇପାରିବେ।

**ମାଷ୍ଟର ବେଡ୍‌ରୁମ-** ଏହା ଦକ୍ଷିଣ ପଶ୍ଚିମ ଦିଗରେ ରହିବା ଭଲ। ଆଉ ନୀଳ ରଙ୍ଗ ଦେବେ।

**ଗେଷ୍ଟ ରୁମ୍/ଡ୍ରଇଂ ରୁମ୍-**ଏହି ରୁମ୍ ଉତ୍ତର-ପଶ୍ଚିମ ଦିଗରେ ହେବା ଉଚିତ। ଆଉ ଧଳା ରଙ୍ଗ ଦେଲେ ଭଲ।

**ପିଲାଙ୍କ ରୁମ୍-** ଉତ୍ତର-ପଶ୍ଚିମ ଦିଗ ଏହି ରୁମ୍ ପାଇଁ ଶ୍ରେୟସ୍କର। ଏହି ରୁମ୍‌କୁ ଧଳା ରଙ୍ଗ ଦେବା ଉଚିତ।

**ରୋଷେଇ ଘର-** ଦକ୍ଷିଣ ପୂର୍ବ ଦିଗରେ ଏହି ରୁମ୍ କରିବା ଉଚିତ। ଆଉ ଏହି ରୁମ୍‌ର କାନ୍ଥ ରଙ୍ଗ କମଳା ଓ ଲାଲ କରନ୍ତୁ।

**ଘର ବାହାରର ରଙ୍ଗ-** ହାଲୁକା ହଳଦିଆ, ଅଫ୍ ହ୍ୱାଇଟ୍, ହାଲୁକା ଗୋଲାପୀ କମଳା ରଙ୍ଗ ସବୁ ରାଶି ପାଇଁ ଭଲ । ତେଣୁ ଏହାକୁ ଦେଇପାରିବେ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମାର୍ଚ୍ଚ ୨୨-୨୮

**ମେଷ**
କର୍ମକ୍ଷେତ୍ରରୁ ସମ୍ମାନପ୍ରାପ୍ତି, ବିବାଦର ସମାଧାନ, ପାରିବାରିକ ଶାନ୍ତି, ସହକର୍ମୀଙ୍କ ସହଯୋଗ, ବାଣିଜ୍ୟରେ ଅଭିବୃଦ୍ଧି, ପରିବହନରେ ଝଗଡ଼ା, ସନ୍ତାନବର୍ଗରେ ଉନ୍ନତି, ଭୂସମ୍ପତ୍ତି ଲାଭ, ଦୂରଯାତ୍ରା।

**ବୃଷ**
ଆରୋଗ୍ୟ ଲାଭ, ପ୍ରିୟବନ୍ଧୁଙ୍କ ସାନ୍ନିଧ, କାମରେ ଅବହେଳା। ନିର୍ମାଣରେ ଦ୍ୱନ୍ଦ୍ୱ, ବୀମାଧନ ପ୍ରାପ୍ତି, ଗବେଷଣାରେ ଅଗ୍ରଗତି, ପରିବହନରେ ଝଗଡ଼ା, ଋଣଦାତାଙ୍କ ଚାପ, କଚେରି ମାମଲାରୁ ଦୁଶ୍ଚିନ୍ତା।

**ମିଥୁନ**
ଆର୍ଥିକ ଅବନତି, ଅର୍ଥପ୍ରାପ୍ତିରେ ବାଧା, ବିଶିଷ୍ଟବ୍ୟକ୍ତିଙ୍କ ସଙ୍ଗଲାଭ, ମାଙ୍ଗଳିକ କାମର ଯୋଜନା, ସହକର୍ମୀଙ୍କ ସୌହାର୍ଦ୍ଦ୍ୟତା, ରାଜନୈତିକ ସମସ୍ୟା, ଭୁଲ୍ ବୁଝାମଣାରୁ କଳହ।

**କର୍କଟ**
ଦୈହିକ ଦୁର୍ବଳତା, ଆନୁଷ୍ଠାନିକ କାର୍ଯ୍ୟ, ଅର୍ଥ ସାହାଯ୍ୟପ୍ରାପ୍ତି, ମାଲିମକଦ୍ଦମାର ଆଶଙ୍କା, ପୁରାତନ ରୋଗପୀଡ଼ା, ଭ୍ରମଣ ସୁଯୋଗ, ସ୍ୱର୍ଣ୍ଣାଳଙ୍କାର କ୍ରୟ, ଚଳଚ୍ଚିତ୍ରରୁ ସୁନାମ, ପାରିବାରିକ ସମସ୍ୟା। ନୂତନ ବାଣିଜ୍ୟାରମ୍ଭ, ଧର୍ମକାର୍ଯ୍ୟ।

**ସିଂହ**
ଋଣ ପରିଶୋଧ, ଦୂରଯାତ୍ରା, ପଦୋନ୍ନତିର ସୂଚନା, ସ୍ଥାନାନ୍ତର ଚିନ୍ତା, ବ୍ୟୟବୃଦ୍ଧି, ପରିବହନରେ ସମସ୍ୟା, ସାମ୍ବାଦିକତାରୁ ଗୌରବ, ନୂତନ ବନ୍ଧୁ ସମ୍ପର୍କ, ସରକାରୀ ସାହାଯ୍ୟ ପ୍ରାପ୍ତି, ଚାକିରି ଅଫର।

**କନ୍ୟା**
ନୂତନ କାର୍ଯ୍ୟାରମ୍ଭ, ସାମାଜିକ ସମ୍ମାନ, ସାଂଗଠନିକ ସଫଳତା, ଆଇନ ସହାୟତା ଲାଭ, ନିର୍ମାଣରେ ବାଧା, ଆର୍ଥିକ ଉନ୍ନତି, ବିବାଦର ସମାଧାନ, ମାଙ୍ଗଳିକ କାର୍ଯ୍ୟ, ସତ୍‌ସଙ୍ଗ।

**ତୁଳା**
ଶତ୍ରୁତାରୁ କାର୍ଯ୍ୟହାନି, ବନ୍ଧୁଙ୍କ ପ୍ରେରଣା, ନିୟନ୍ତ୍ରଣାଧୀନ ସ୍ୱାସ୍ଥ୍ୟ, ଶିକ୍ଷାରେ ସଫଳତା, ବାଣିଜ୍ୟର ଅଭିବୃଦ୍ଧି, କଳାର ବିକାଶ, ପାରିବାରିକ ମତାନ୍ତର, ପ୍ରଶାସନିକ ତତ୍ପରତା, ଯାନବାହନରେ ତ୍ରୁଟି।

**ବିଛା**
ଦୈହିକ ଦୁର୍ବଳତା, ସମସ୍ୟା ସମାଧାନ, ସଭାସମିତିକୁ ନିମନ୍ତ୍ରଣ, ସହକର୍ମୀଙ୍କ ଆନୁଗତ୍ୟ, କର୍ମଜଞ୍ଜାଳ ବୃଦ୍ଧି, ଅର୍ଥ ସଂକଟରୁ ମୁକ୍ତି, ଯାତ୍ରାରେ ଲକ୍ଷ୍ୟ ପୂରଣ, ଭ୍ରାତୃ ସମ୍ପର୍କରେ ଉନ୍ନତି, ଜମିଜମା ଲାଭ, ଫଳପ୍ରଦ ଆଲୋଚନା।

**ଧନୁ**
ଉଚ୍ଚଚିନ୍ତା, ଆଶା ପୂରଣ, ଦ୍ରବ୍ୟପ୍ରାପ୍ତି, କ୍ରୀଡ଼ା ନୈପୁଣ୍ୟତା, ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ, ସନ୍ତାନଙ୍କ ସ୍ୱାସ୍ଥ୍ୟହାନି, ପାରିବାରିକ ଅସହଯୋଗ, ବନ୍ଧୁଙ୍କ ପରାମର୍ଶ, ପରୋକ୍ଷ ଶତ୍ରୁତା, ଯାତ୍ରାରେ ସଂକଟ, ଆନୁଷ୍ଠାନିକ କାମ।

**ମକର**
କଠିନ ଶ୍ରମ, କ୍ରନିକ୍ ରୋଗପୀଡ଼ା, ମାନସିକ ଅସ୍ଥିରତା, ଜମିଜମା ଚୁକ୍ତିପତ୍ର, ବନ୍ଧୁଙ୍କ ଆକ୍ଷେପ ଉକ୍ତି, ଯାନବାହନରେ ତ୍ରୁଟି, ପାରିବାରିକ ସମର୍ଥନ, ଆରୋଗ୍ୟଲାଭ, ନୂତନ ବନ୍ଧୁସମ୍ପର୍କ, ଲୋକସମ୍ପର୍କ ବୃଦ୍ଧି, ସାମାଜିକ ସମ୍ମାନ।

**କୁମ୍ଭ**
ଶରୀର ପୀଡ଼ା, ନୂତନ ଯୋଜନାରମ୍ଭ, ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତାରୁ ଗୌରବ, ଆଇନ ସହାୟତା ପ୍ରାପ୍ତି, ତୀର୍ଥାଟନର ଯୋଜନା, ପ୍ରତିଯୋଗିତାରେ ସଫଳତା, ଶିଳ୍ପ ବାଣିଜ୍ୟର ଅଭିବୃଦ୍ଧି, ବସ୍ତ୍ରଭୂଷଣ ପ୍ରାପ୍ତି, ବନ୍ଧୁ ସମ୍ପର୍କରେ ଉନ୍ନତି।

**ମୀନ**
ଅର୍ଥସମ୍ପଦ ଲାଭ, ପାରିବାରିକ ଶାନ୍ତି, ଋଣ ପରିଶୋଧ, ବିଦେଶ ଯାତ୍ରା, କାର୍ଯ୍ୟସିଦ୍ଧି, ନୂତନ ମୈତ୍ରୀ, ସହକର୍ମୀଙ୍କ ସମବେଦନା, ଗାଡ଼ି ଚାଳନାରେ ତ୍ରୁଟି, ସମ୍ପର୍କରେ ବାଧା, ପ୍ରକାଶନରେ ସମସ୍ୟା, ପିତୃବର୍ଗରେ ପୀଡ଼ା, ଗୃହସୀମାରେ ବିବାଦ।

# ଉପକାରୀ ପିଆଜ

**ପି**ଆଜର ସଣ୍ଢା ହେଉ କି ପରିପକ୍ୱ ପିଆଜ, ଉଭୟ ଶରୀର ପାଇଁ ଉପକାରୀ। ପିଆଜ ସଣ୍ଢା କୋଲେଷ୍ଟରଲ ସ୍ତର କମାଏ। ଏଥିରେ ଆଣ୍ଟିବ୍ୟାକ୍ଟେରିଆଲ ତତ୍ତ୍ୱ ଥାଏ। ତେଣୁ ଏହା ପାଚନରେ ସହାୟକ ହୁଏ। ଏହାକୁ ଖାଇଲେ ଇମ୍ୟୁନ୍ ପାୱାର ବଢିଥାଏ। ଏହା ଚେହେରାର କୁଞ୍ଚନ କମାଏ ଓ ଦୃଷ୍ଟିଶକ୍ତି ବି ବଢାଇଥାଏ। କେଶ ମୂଳରେ ପିଆଜ ରସ ଲଗାଇଲେ ଝଡିବା ସମସ୍ୟା ବି ଦୂର ହୁଏ। ଏମିତିକି ନିୟମିତ ବ୍ୟବହାରରେ କମ୍ ବୟସରେ ଧଳା ହୋଇଥିବା କେଶ କଳା ହେବା ସମ୍ଭାବନା ରହିଛି। ହିଷ୍ଟେରିୟା ରୋଗୀ ଅଚେତ ହୋଇଗଲେ ପିଆଜ ଛେଚି କରି ଶୁଙ୍ଘାନ୍ତୁ। ଆଜ୍‌ମା ରୋଗୀଙ୍କ ପାଇଁ ବି ଏହା ଉପକାରୀ। ପିଆଜକୁ ପାଣିରେ ଫୁଟାଇ ସେହି ପାଣି ପିଇଲେ ପରିସ୍ରାଜନିତ ସମସ୍ୟା ଦୂର ହୁଏ। ଥଣ୍ଡା ହୋଇଥିଲେ ବି ପିଆଜ ଖାଇବା ଭଲ।



# ପାଠକୀୟ

■ ଚମ ଧୁଡୁ ଧୁଡୁ, ଥୁରୁ ଥୁରୁ ହାତ, ଆଖିକୁ ଦିଶୁନି, ଦେହରେ ବଳ ପାଉନି। ତଥାପି କମିନି ମନୋବଳ। ସାହସ ଅଛି, କିଛି କରି ଦେଖେଇବାର ଝୁଙ୍କ ବି ଅଛି। ସେଇଥିପାଇଁ ତ ବୟସ ତାଙ୍କ ପାଖରେ ହାର ମାନିଛି। ଆଉ ସେମାନେ ପାଇଛନ୍ତି ସଫଳତା, ସାଜିଛନ୍ତି ଉଦାହରଣ। ସେମିତି କେତେଜଣ ପ୍ରତିଭାବାନ ବୃଦ୍ଧାଙ୍କର ସଫଳତାର କାହାଣୀକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ହାର୍ ମାନିଛି ବୟସ'ଟି ଏକ ପ୍ରେରଣାଦାୟୀ ବିଷୟ ଥିଲା। 'ରାଶି ଅନୁଯାୟୀ ଖେଳନ୍ତୁ ରଙ୍ଗ' ଏବଂ 'ଇଏ କ'ଣ ବିଲେଇ' ଆଦି ପାଠ ଦୁଇଟିରୁ ଅନେକ ନୂଆ କଥା ଜାଣିବାକୁ ମିଳିଲା।

*-ସନ୍ତୋଷ ସାହୁ, ସୋରଣ, ଖୋର୍ଦ୍ଧା*

■ ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ହାର୍ ମାନିଛି ବୟସ'ଟିକୁ ପଢିଲା ପରେ ମନରେ ଏକ ନୂଆ ଆଶା ଜାଗ୍ରତ ହେଲା ପରି ମନେହେଲା। ପରିଣତ ବୟସରେ ବୃଦ୍ଧାମାନେ ଦୃଢ ଇଚ୍ଛାଶକ୍ତି ବଳରେ କିପରି ସଫଳତା ପାଇଛନ୍ତି, ତାହା ଏହି ବିଷୟରୁ ଜାଣିବାକୁ ମିଳିଲା। ସେହିପରି ଲାଇଫ୍‌ଷ୍ଟାଇଲ୍ ପୃଷ୍ଠାରୁ ହୋଲିରେ କିପରି ଖାସ୍ ଲୁକ୍ ପାଇହେବ ତାହା ଜାଣି ଖୁସି ଲାଗିଲା। ସୃଜନ ପୃଷ୍ଠାରେ ସ୍ଥାନିତ ଓମେନ୍ସ ଡେ' ନାମକ ଗପଟି ବି ଖୁବ୍ ମନଛୁଆଁ ହୋଇପାରିଥିଲା। *-ବନମାଳୀ ସାମନ୍ତରାୟ, ଝାରସୁଗୁଡ଼ା*

■ ବ୍ୟକ୍ତିତ୍ୱ ପୃଷ୍ଠାରୁ ବିଶିଷ୍ଟ ଲେଖକ 'ଆଲେକଜାଣ୍ଡର ଦାମାସ୍'ଙ୍କ ଜୀବନୀ ସମ୍ପର୍କରେ ଅନେକ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସିନେମା ପୃଷ୍ଠାରେ ସ୍ଥାନିତ 'ଦିନ ଗଣୁଛନ୍ତି କିଆରା', 'ଦିଲ୍ ମୋର ମାନେନା', 'ଡେଟ୍ ପାଇଁ ସମସ୍ୟା' ଏବଂ 'ଚର୍ଚ୍ଚାରେ ସର୍ଦ୍ଦାର ଗେଟ୍‌ଅପ୍' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ମଜାଦାର୍ ଥିଲା। ଅନ୍ୟପକ୍ଷେ ସାଥୀର ଉତ୍ତରଗୁଡ଼ିକ ବି ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା।

*-ରାକେଶ ବରାଳ, ସମ୍ବଲପୁର*

■ ପ୍ରଥମ ରୋଜଗାର ସ୍ତମ୍ଭରୁ 'ଓଡିଶୀ ନୃତ୍ୟଶିଳ୍ପୀ ତଥା ସାଂସ୍କୃତିକ କାର୍ଯ୍ୟକର୍ତ୍ତା ରୋମା ଦାସ ମହାପାତ୍ର'ଙ୍କ ରୋଜଗାର ସମ୍ପର୍କିତ ଲେଖାଟି ପଢିଲି, ଏହା ଭାରି ମନଛୁଆଁ ହୋଇଥିଲା। 'କମାରଶାଳର ରାଣୀ' ପାଠଟି ବି ଯୁବପିଢିଙ୍କ ପାଇଁ ଏକ ପ୍ରେରଣାଦାୟୀ ବିଷୟ ଥିଲା। ମଡେଲ୍ ମିରର୍‌ରେ 'ପ୍ରିୟଙ୍କା' ବେଶ୍ ସୁନ୍ଦରୀ ଦେଖାଯାଉଥିଲେ। ସେହିପରି ସହର ପୃଷ୍ଠାରୁ ହୋଲି କେଉଁଠି କେମିତି ପାଳନ କରାଯାଏ, ତାହା ଜାଣିହେଲା।

*-ସ୍ନିଗ୍ଧା ପଟ୍ଟନାୟକ, ରବି ଟକିଜ୍, ଭୁବନେଶ୍ୱର*

■ ବିବିଧା ପୃଷ୍ଠାରେ ସ୍ଥାନିତ 'କାର୍ ଚାଷ' ଏବଂ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଭାଙ୍ଗିଗଲା ପରି ଲାଗେ ଏହି ଆସବାବପତ୍ର', 'ସମୁଦ୍ର ସଫେଇ ଅଭିଯାନରେ ଯୁବକ' ଏବଂ 'ସବୁଠୁ ଛୋଟ ମୋଟର ବାଇକ୍' ଆଦି ପାଠଗୁଡ଼ିକ ବେଶ୍ ଆଶ୍ଚର୍ଯ୍ୟକର ଥିଲା। ସେହିପରି ଯାତ୍ରା ସମ୍ପର୍କିତ ଲେଖା ବି ଖୁବ୍ ତଥ୍ୟପୂର୍ଣ୍ଣ ହୋଇଥିଲା।

*-ମନୋରଞ୍ଜନ ମିଶ୍ର, ଭବାନୀପାଟଣା*

## ବିଶେଷ ଚିଠି



**ଧ**ରିତ୍ରୀର ଛୁଟିଦିନ ପତ୍ରିକାକୁ
ଯେଉଁଦିନ ପଢେନି ମୁହିଁ,
ଦିନସାରା ମନ କାମରେ ଲାଗେନି
ଜମା ଭଲ ଲାଗେନାହିଁ।
ପ୍ରଚ୍ଛଦ ପ୍ରସଙ୍ଗ ଭାରି ମନଛୁଆଁ
ଆଣେ କେତେ ନୂଆ କଥା
ଭଲ ଲାଗେ ମୋତେ ସାଥୀର ଉତ୍ତର
ସୃଜନ ଗଳ୍ପ, କବିତା।
ସିନେମା ଖବର ସହରଠୁ ଦୂର
ଦିବ୍ୟ ମଡେଲ୍ ମିରର୍
ବିବିଧା, ମଞ୍ଜମାୟା କରଇ କିମିଆ
ମଜା କାର୍ଟୁନ କର୍ନର।

*-ଶରତ କୁମାର ଚଉଁରୀ,
ମଙ୍ଗଳପୁର, ପିପିଲି, ପୁରୀ*


ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ପାଣି ପାଇଁ

**ଖରାଦିନ ଆସିଲେ ପାଣି ଚିନ୍ତା ଅଥୟ କରେ। ଚାଷବାସ ତ ଦୂରର କଥା, ପିଇବା ପାଣି ପାଇଁ ସମସ୍ତେ ଉହଳବିକଳ। ଏମିତି ସମସ୍ୟାକୁ ବାର ବାର ସାମ୍ନା କରୁଥିବା ଏହି ଲୋକମାନେ କାହାକୁ ଅପେକ୍ଷା ନ କରି ସମାଧାନର ବାଟ ଖୋଜିଲେ, ନିଜ ପାଇଁ ନିଜେ ଅଣ୍ଟା ଭିଡ଼ିଲେ। କେଉଁଠି ବର୍ଷାଜଳ ସଂରକ୍ଷଣ କଲେ ତ କେଉଁଠି ଝରଣାକୁ ନେଇ ଆସିଲେ ଗାଁକୁ...**








ଖରାଦିନ ଆସିଲେ ଯଦି ସବୁଠୁ କେଉଁ ଚିନ୍ତା ବେଶି ଅତିଷ୍ଠ କରିଥାଏ ତାହା ହେଲା ପାଣି ଚିନ୍ତା। ଆଉ ଯଦି ପାହାଡ଼, ପର୍ବତ ବା ଟାଙ୍ଗରା ଅଞ୍ଚଳ ହେଲା ତା'ହେଲେ ସେ କଥା ନ କହିଲେ ଭଲ। ଟୋପେ ପାଣି ପାଇଁ ଲୋକଙ୍କର ଉହଳ ବିକଳ କେବଳ ଅନୁଭବିଙ୍କୁ ହିଁ ଜଣା। ଏମିତି କିଛି ସ୍ଥାନ ଅଛି ଓଡ଼ିଶାରେ ଯେଉଁଠି ଖରାଦିନ ଆସିଲେ ହିଁ ଲୋକଙ୍କର ନିଦ ହଜିଯାଏ। ପିଇବା ପାଣି ମୁନ୍ଦାଏ ପାଇଁ ଗୃହପାଳିତ ଜୀବଙ୍କଠାରୁ ଆରମ୍ଭ କରି ମଣିଷ ଯାଏ ସମସ୍ତ ଅବସ୍ଥା କହିଲେ ନ ସରେ। ଏମିତି ପରିସ୍ଥିତିରେ ଚାଷବାସ ପୂରା ଠପ୍ ହୋଇଯାଏ। ତେବେ ଏହି ସମସ୍ୟାକୁ ବାରମ୍ବାର ସାମ୍ନା କରୁଥିବା ଲୋକମାନେ ସରକାର ବା କୌଣସି ସହାୟତାକୁ ଆଶା ନ ରଖି ନିଜ ସମାଧାନର ବାଟ ଖୋଜିଲେ, ନିଜ ପାଇଁ ନିଜେ ଅଣ୍ଟା ଭିଡ଼ିଲେ, ଯାହାର ଫଳସ୍ୱରୂପ ଏବେ ବର୍ଷସାରା ତାଙ୍କୁ ଆଉ ପାଣି ସମସ୍ୟା ଛଟପଟ କରୁନାହିଁ। ଆରାମରେ ଚାଷ ବି କରିପାରୁଛନ୍ତି। ଏଥିପାଇଁ ସେମାନେ ଭରସା କରୁଛନ୍ତି ବର୍ଷାଜଳ ଓ ଝରଣା ଜଳ ଉପରେ। କିଛି ଗାଁରେ ବର୍ଷାଜଳକୁ ସଂରକ୍ଷଣ କରୁଥିବା ବେଳେ ଆଉ କିଛି ଗାଁରେ ଝରଣା ଜଳକୁ ପାହାଡ଼ ଖୋଳି ବାଟକଢ଼ାଇ ନେଇ ଆସିଛନ୍ତି ଗାଁକୁ। ପାଣି ସମସ୍ୟାର ସମାଧାନ ପାଇଁ ନିଜେ ବାଟ ଖୋଜିଥିବା ଏମିତି କେତୋଟି ଗାଁ ସମ୍ପର୍କରେ .....

**ଝରଣା ପାଣି ସାହିକୁ ଆଣିଲେ ବାଦଲ ମୁଣ୍ଡା :** ଝୁମ୍ପୁରା ବ୍ଲକ କାଇଯୋଡ଼ା ଗ୍ରାମର ମୁଣ୍ଡାସାହିର ବାଦଲ ମୁଣ୍ଡା ନିଜ ସାହିକୁ ଜଳସେଚନ କରିବା ପାଇଁ ଦୀର୍ଘ ୩୦ ବର୍ଷ ହେଲା ପ୍ରୟାସ କରି ସଫଳ ହୋଇଛନ୍ତି। ପାହାଡ଼ରୁ ଝରି ଆସୁଥିବା ଝରଣା ପାଣିକୁ ନିଜ ଓ ନିଜର ପୂର୍ବ ପୁରୁଷଙ୍କ ଉଦ୍ୟମ ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ସାହିର ଚାଷ ଜମିକୁ ଆଣି ଜଳସେଚନ କରିପାରିଛନ୍ତି । ଗାଁ ନିକଟସ୍ଥ ଖଣ୍ଡାଧାର ପର୍ବତମାଳା (ଲାଲପାଣି ପାହାଡ଼)ରେ ରହିଛି ତିନୋଟି ଝରଣା। ତେବେ ଏହା ଆଗରୁ ଜଳସେଚନ କାମରେ ଲାଗିପାରୁ ନ ଥିଲା । ଦୀର୍ଘ ୩୦ ବର୍ଷ ହେଲା ବାଦଲ ମୁଣ୍ଡାଙ୍କ ପିତୃପୁରୁଷମାନେ ପଥର ତାଡ଼ି ଓ ମାଟି ଖୋଳି ପାଣିକୁ ଗାଁ ଜମିକୁ ଜଳସେଚନ କରିବା ପାଇଁ ଉଦ୍ୟମ ଚଳାଇଥିଲେ। ପରବର୍ତ୍ତୀ ସମୟରେ ବାଦଲ ମୁଣ୍ଡାଙ୍କ ନେତୃତ୍ୱରେ ଗ୍ରାମବାସୀ କୋଡିକୋଦାଳ ଧରି ଗାଁ ଚାଷ ଜମିକୁ ପାଣି ମଡ଼ାଇବାରେ ସଫଳ ହୋଇଛନ୍ତି । ଏହି ପାଣି ଦ୍ୱାରା ଉକ୍ତ ଗ୍ରାମର ୧୫ଟି ଆଦିବାସୀ ପରିବାରର ପ୍ରାୟ ୨୫ ଏକର ଜମିରେ ଚାଷ ହେଉଛି ଏବଂ ଦୁଇ ଫସଲି ଚାଷ କରି ସମସ୍ତଙ୍କ ମୁହଁରେ ହସ ଖେଳିପାରିଛି । ଧାନ ଚାଷ ସହିତ ପନିପରିବା ଚାଷ କରି ନିଜେ ଖାଇ ବଳକାକୁ ଆଖପାଖ ହାଟ ବଜାରରେ ବିକି ତେଲଲୁଣ କିଣି ଚଳୁଛନ୍ତି । ପ୍ରୋତ୍ସାହନ ମିଳିଲେ ସେମାନେ ଅଧିକ ଉପକୃତ ହୋଇ ପାରନ୍ତେ ବୋଲି ବାଦଲ କୁହନ୍ତି । ଅଗମ୍ୟ ଅଞ୍ଚଳରେ ରହୁଥିବା ଏହି ଲୋକଙ୍କ ଉଦ୍ୟମ ଯୋଗୁ ସେମାନଙ୍କ କ୍ଷେତ ଶସ୍ୟ ଶ୍ୟାମଳା ହୋଇଉଠିଛି । ଏପରିକି ବେତଝରୀ ନାଳରୁ ମଧ୍ୟ ସେମାନେ ନିଜ ଉଦ୍ୟମରେ କେନାଲ କାଟି ଜମିକୁ ପାଣି ମଡ଼ାଇଛନ୍ତି ଯାହାକି ନ ଦେଖିଲେ ବିଶ୍ୱାସ କରିହେବ ନାହିଁ ବୋଲି ବସନ୍ତପୁର ଗ୍ରାମର ସାମାଜିକ କର୍ମୀ ପ୍ରଫୁଲ୍ଲ ମହାନ୍ତ କହିଛନ୍ତି। ସେମାନେ ସମସ୍ତେ ଚାଷ କାମ ସହିତ ଦିନ ମଜୁରିଆ କାମ କରନ୍ତି ଏବଂ ବଣ ଜଙ୍ଗଲରୁ ଫଳମୂଳ ସଂଗ୍ରହ କରି ଚଳୁଛନ୍ତି। ଏଣୁ ଏଭଳି ଉଦ୍ୟମ ଫଳରେ ସେମାନେ ଚାଷ ଉପରେ ଅଧିକ ମନ ନିବେଶ କରିପାରିବେ ଓ ଭଲରେ ଚଳିପାରିବେ ବୋଲି ସେ କହିଛନ୍ତି । ତେବେ ଏହି କେନାଲ ପାଣି ଗାଁକୁ ପହଁଚି ପାରିଲେ ସେମାନେ ଘରୋଇ କାମରେ ବ୍ୟବହାର କରିପାରନ୍ତେ ଏବଂ ସେମାନଙ୍କ ଗ୍ରାମର ଜଳ ସମସ୍ୟା ଦୂର ହୋଇ ପାରନ୍ତା ବୋଲି କହିଛନ୍ତି ଗ୍ରାମବାସୀ ତେଲେଙ୍ଗା ମୁଣ୍ଡା। ଆଗରୁ ଚାଷ ପାଇଁ ବର୍ଷା ପାଣିକୁ ଅପେକ୍ଷା କରିବାକୁ ପଡୁଥିଲା । ଏବେ ଚିରସ୍ରୋତା ଝରଣା ପାଣି ସେମାନଙ୍କୁ ବର୍ଷ ତମାମ ଚାଷ କରିବାର ଭରସା ଦେଉଛି ବୋଲି କହିଛନ୍ତି ଗ୍ରାମବାସୀ ।

**ଏଠି ବର୍ଷା ପାଣି ଭରସା:** ମାଲକାନଗିରି ଜିଲାରେ ଗ୍ରୀଷ୍ମ ପ୍ରଭାବ ବୃଦ୍ଧି ସହ ଅନେକ ଅଞ୍ଚଳରେ ଉତ୍କଟ ଜଳ ସମସ୍ୟା ସୃଷ୍ଟି ହୋଇଥାଏ। ଚାଷବାସ ତ ଦୂରର କଥା, ଲୋକେ ପିଇବା ପାଇଁ ପାଣି ମୁନ୍ଦାଏ ବି ପାଆନ୍ତି ନାହିଁ। ପ୍ରତିବର୍ଷ ଖରାଦିନେ ଏହି ସମସ୍ୟା ଭୟଙ୍କର ହେଉଥିବାବେଳେ ଏବେ କିନ୍ତୁ ଜଳକଷ୍ଟ କ'ଣ ସେମାନେ ଭୁଲି ଯାଇଛନ୍ତି। କାରଣ ଶହ ଶହ ବର୍ଷ ଧରି ଗ୍ରାମ ନିକଟରେ ଏକ ଜଳକୁଣ୍ଡ ସେମାନଙ୍କୁ ଥଣ୍ଡା ପାନୀୟଜଳ ଯୋଗାଉଛି । ଏପରି ଦୃଶ୍ୟ ଦେଖିବାକୁ ମିଳିଛି ମାଲକାନଗିରି ଜିଲା ପଡିଆ ବ୍ଲକ ନିଲିଗୁଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପୁରୁଣା ନିଲିଗୁଡା ଗ୍ରାମରେ। ନିଲିଗୁଡା ଗ୍ରାମରେ ୧୯୭୦ ମସିହା ପୂର୍ବରୁ ୫୨ଟି ଆଦିବାସୀ ପରିବାର ବସବାସ କରୁଥିଲେ । ସେହି ସମୟରେ ପାଣି ପାଇଁ ଏତେ ସମସ୍ୟା ନ ଥିଲା। ଝରଣା ଜଳ ଓ ବର୍ଷାଜଳ ଲୋକମାନଙ୍କ ଆବଶ୍ୟକତା ମେଣ୍ଟାଉଥିଲା। କାଳକ୍ରମେ ଜଙ୍ଗଲ କ୍ଷୟ, ଅନିୟମିତତା ବୃଷ୍ଟି, ମରୁଡି, ଇତ୍ୟାଦି କାରଣରୁ ଜଳ ସଂକଟ ଦେଖାଦେଲା। ଅନ୍ୟ ପକ୍ଷରେ ଲୋକ ସଂଖ୍ୟା ବୃଦ୍ଧି ପାଇବାରୁ ପରିବାର ସଂଖ୍ୟା ବୃଦ୍ଧି ପାଇ ୧୪୫କୁ ପହଞ୍ଚିଥିଲା। ଜଳ ଅଭାବ ଯୋଗୁ ଗ୍ରାମର ୬୦ଟି ପରିବାର ଦୁଇ କିଲୋମିଟର ଦୂର ରାସ୍ତା କଡ଼ରେ ନୂତନ ଗ୍ରାମ ପ୍ରତିଷ୍ଠା କରି ବର୍ତ୍ତମାନ ନିଲିଗୁଡ଼ାରେ ବାସ କରୁଛନ୍ତି। ତେବେ ମାଲକାନଗିରି ସୀମାନ୍ତ ଛତିଶଗଡ଼ ସାବେରୀ ନଦୀକୂଳରେ ପ୍ରାୟ ଅଧା ଏକର ଜାଗାରେ ଥିବା ଏହି ଜଳ କୁଣ୍ଡରେ ବର୍ଷର ୧୨ମାସ ଯାକ ପାଣି ରହିପାରୁଛି। କୁଣ୍ଡ ଭିତରେ ପାଣି ତଳେ ଏକ ଦୁଇ କିଲୋମିଟର ସୁଡ଼ଙ୍ଗ ସାବେରୀ ନଦୀକୁ ସଂଲଗ୍ନ ହୋଇଛି। ସାବେରୀ ନଦୀରେ ବର୍ଷାଦିନେ ବନ୍ୟା ଆସିଲେ ଏହି ସୁଡ଼ଙ୍ଗ ଦେଇ ବନ୍ୟା ଜଳ କୁଣ୍ଡରେ ପ୍ରବେଶ କରେ। ଏହି ଜଳ କୁଣ୍ଡର ବିଶେଷତ୍ୱ ହେଲା ବର୍ଷର ସବୁ ସମୟରେ ସମାନ ଭାବେ ପାଣି ରହିଥାଏ। ଗ୍ରୀଷ୍ମ ଓ ଅନ୍ୟ ଋତୁମାନଙ୍କରେ ସୂର୍ଯ୍ୟ ଉଦୟ ପରେ ପାଣି ଆସ୍ତେ ଆସ୍ତେ ଥଣ୍ଡା ହୋଇ ଦୁଇ ପ୍ରହର ବେଳକୁ ଅତ୍ୟଧିକ ଥଣ୍ଡା ହୋଇଥାଏ । ଯାହାକି ବରଫ ପାଣି ସହ ସମାନ। ସୂର୍ଯ୍ୟାସ୍ତ ପରେ ପାଣି ଆସ୍ତେ →














ବାଦଲ ମୁଣ୍ଡା



ଆସ୍ତେ ଗରମ ହୋଇଯାଏ । ଏହି କୁଣ୍ଡ ଚାରିପଟେ ପଥର ଭିତରୁ ଅନେକ ଜାଗାରେ ସ୍ୱଚ୍ଛ ପାଣି ବାହାରୁଛି । ଯାହାକୁ କି ଗ୍ରାମବାସୀ ପାନୀୟ ଜଳ ରୂପେ ବ୍ୟବହାର କରୁଛନ୍ତି । ଗ୍ରାମରେ ନଳକୂପ ଥିଲେ ମଧ୍ୟ ସେହି ନଳକୂପରୁ ଲାଲପାଣି ବାହାରୁ ଥିବାରୁ ସେହି ପାଣିକୁ ବ୍ୟବହାର ନ କରି ଏହି କୁଣ୍ଡର ସ୍ୱଚ୍ଛ ପାଣିକୁ ପାନୀୟଜଳ ଏବଂ ଖାଦ୍ୟ ରାନ୍ଧିବାରେ ବ୍ୟବହାର କରୁଛନ୍ତି । ଦ୍ୱିପ୍ରହର ସମୟରେ ଗ୍ରାମର ମହିଳା ଓ ପୁରୁଷ ଏବଂ ଆଖପାଖ ଅଞ୍ଚଳର ଲୋକମାନେ ଏହି ଥଣ୍ଡା ପାଣିରେ ଗାଧୋଇବା ପାଇଁ ପ୍ରବଳ ଭିଡ଼ ଜମାଇବା ସହ ଗୃହପାଳିତ ପଶୁ ପକ୍ଷୀମାନେ ମଧ୍ୟ ଏହି ପାଣିକୁ ବ୍ୟବହାର କରିଥାନ୍ତି । ଗ୍ରାମର ବୟୋଜ୍ୟେଷ୍ଠ ଦେବା ମାଢ଼ି ଏବଂ ସ୍ଥାନୀୟ ସରପଞ୍ଚ ଆଡମା କାର୍ତାମୀ ପ୍ରକାଶ କରିଛନ୍ତି ଯେ, ତାଙ୍କର ପୁରୁଷ ପୁରୁଷରୁ ଏହି ଜଳ କୁଣ୍ଡଟି ରହିଆସିଛି । ଏହା ଆମମାନଙ୍କ ପାଇଁ ପ୍ରକୃତିର ବରଦାନ ସଦୃଶ ।'

**ଖରାଦିନେ ବର୍ଷାଜଳ ଚାଷୀଙ୍କ ମୁହଁରେ ଦେଇଛି ହସ :** କଳାହାଣ୍ଡି ଜିଲାର ଅଣଜଳ ସେଚିତ ଅଞ୍ଚଳମାନଙ୍କରେ ପ୍ରାୟତଃ ବର୍ଷା ଉପରେ ନିର୍ଭର କରିଥାନ୍ତି ଚାଷୀ । ବର୍ଷା ଭଲ ନ ହେଲେ ପରିସ୍ଥିତି ହୁଏ ଭୟଙ୍କର । ଏବେ କିନ୍ତୁ ଦୂର ହୋଇଛି ସମସ୍ୟା । ଜଳଛାୟା ପ୍ରକଳ୍ପ ଜରିଆରେ ବର୍ଷାଜଳ ସଂରକ୍ଷଣ ଦ୍ୱାରା ଚାଷୀଙ୍କ ମୁହଁରେ ଫୁଟିଛି ହସ । ମୃତ୍ତିକା ସଂରକ୍ଷଣ ସହ ଏଠାକାର ଭୂତଳ ଜଳ ସ୍ତର ମଧ୍ୟ ବୃଦ୍ଧି ପାଇଛି । ପାହାଡ଼ ଜଙ୍ଗଲ ଘେରା କଳାହାଣ୍ଡି ଜିଲାର ଭବାନୀପାଟଣା, କେସିଙ୍ଗା, ନର୍ଲା, ରାମପୁର, ଗୋଲାମୁଣ୍ଡା ଭଳି ବ୍ଲକ ଅଞ୍ଚଳରେ ବର୍ଷ ସାରା ଏଠାରେ ଚାଷ ଜମି ରହୁଛି ଶସ୍ୟ ଶ୍ୟାମଳା । ଏଥିପାଇଁ ଚାଷୀଙ୍କୁ ସହାୟତାର ହାତ ବଢ଼ାଇଛି କଳାହାଣ୍ଡି ଜଳଛାୟା ମିଶନ । ଜଳଛାୟା ପ୍ରକଳ୍ପ ଦ୍ୱାରା ଚାଷୀମାନେ ନିଜ ନିଜ ଜମିରେ ପାଣି ଟ୍ୟାଙ୍କ ତିଆରି କରି ସେଥିରେ ବର୍ଷା ଜଳକୁ ସଂରକ୍ଷଣ କରିବାରେ ହୋଇଛନ୍ତି ସକ୍ଷମ । ଭବାନୀପାଟଣା ବ୍ଲକର ମାଟିଆ ଗ୍ରାମରେ ପରକ୍ଷିତ ସାହୁ ଏହି ପ୍ରକଳ୍ପ ଦ୍ୱାରା ଆର୍ଥିକ ସହାୟତା ପାଇ ଏକ ଟ୍ୟାଙ୍କ ମାଧ୍ୟମରେ ୫ ଏକରରେ ପନିପରିବା ଚାଷକରି ନିଜର ପରିବାର ପ୍ରତିପୋଷଣ କରୁଥିବାବେଳେ ଗୋପ ସାହୁ ୫ ଏକର ଜମିରେ ଧାନ ଚାଷ କରିବାରେ ସକ୍ଷମ ହୋଇଛନ୍ତି । ସେହିପରି କେସିଙ୍ଗା ବ୍ଲକର ରମାକାନ୍ତ ଭୋଇ ଏହି ବର୍ଷାଜଳ ସଂରକ୍ଷଣ କରି ୨୦ ଏକର ଧାନ ଚାଷ କରୁଛନ୍ତି । ଡୁମାଲ ଗ୍ରାମର ଭୁବନେ ମାଝୀ ମଧ୍ୟ ଏହି ସହାୟତା ପାଇ ୪ ଏକରରେ ବିଭିନ୍ନ ପ୍ରକାର ପନିପରିବା କରିଛନ୍ତି । ଜଳଛାୟା ପ୍ରକଳ୍ପ ତରଫରୁ ବିଭିନ୍ନ ପ୍ରକାର ପୋଖରୀର ସହାୟତା ପ୍ରଦାନ କରାଯାଉଥିବାବେଳେ ଚାଷୀଙ୍କ ପାଇଁ ଏହା ସହାୟତା ହୋଇଛି । ଜଳଛାୟା ମିଶନ ପକ୍ଷରୁ ୩ ଲକ୍ଷରୁ ୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚାଷୀମାନଙ୍କୁ ସହାୟତା ପ୍ରଦାନ କରାଯାଉଛି ଯାହାଦ୍ୱାରା କି ଜିଲାର ଅଣ ଜଳସେଚିତ ଅଞ୍ଚଳର ଚାଷୀମାନେ ଏହି ଟ୍ୟାଙ୍କ ଏବଂ ପୋଖରୀ ମାଧ୍ୟମରେ ବର୍ଷା ଜଳକୁ ସଂରକ୍ଷଣ କରି ବିଭିନ୍ନ ପ୍ରକାଶ ଚାଷ କରିବା ସହ ନିଜର ଆର୍ଥିକ ମେରୁଦଣ୍ଡକୁ ସୁଦୃଢ଼ କରିପାରିଛନ୍ତି । ଏହା ପୂର୍ବରୁ ଏହି ଚାଷୀମାନେ କେବଳ ବର୍ଷା ଜଳ ଉପରେ ନିର୍ଭର କରିଆସୁଥିବାବେଳେ ନିଜ ନିଜର ଚାଷ କାର୍ଯ୍ୟକୁ ସୀମିତ ଅଞ୍ଚଳରେ କରୁଥିଲେ । ତେବେ ଏହି ଜଳଛାୟା ପ୍ରକଳ୍ପ ସହାୟତାରେ ବିଭିନ୍ନ ପ୍ରକାର ଟ୍ୟାଙ୍କ ଏବଂ ପୋଖରୀ ତିଆରି କରିବା ପରେ ଯେଉଁ ଚାଷୀ ଏକ ବା ଦୁଇ ଏକରରେ ଚାଷ କରୁଥିଲେ ସେହି ଚାଷୀମାନେ ବର୍ତ୍ତମାନ ତାହାର ଦୁଇରୁ ତିନି ଗୁଣା ଅଞ୍ଚଳରେ ଚାଷ କରିବାରେ ସକ୍ଷମ ହୋଇଛନ୍ତି । ପୂର୍ବରୁ ଏହି ଅଞ୍ଚଳମାନଙ୍କରେ ବର୍ଷାର ପରିମାଣ ମଧ୍ୟ କମ୍ ରହୁଥିଲା ଯାହାଦ୍ୱାରା କି ଚାଷ ପାଇଁ ପାଣି ମଧ୍ୟ ନିଅଣ୍ଟ ହେଉଥିଲା ତେବେ ବର୍ତ୍ତମାନ କିନ୍ତୁ ସେହି ସମସ୍ୟାର ସମାଧାନ ହୋଇପାରିଛି । କଳାହାଣ୍ଡି ଜିଲା ନର୍ଲା ବ୍ଲକର ରାଇଧନୀପଦର, ଜୋରାଡୋବ୍ରା, ସୁଡିଙ୍ଗପଦର, ମୁରସିଙ୍ଗ, ସାମପୁର, ଭବାନୀପାଟନା ବ୍ଲକର ମାଟିଆ, ସାକରମାଳ, କାମଠଣା, କର୍ଲାଗୁଡ଼ା, ଟେମେରା ସେହିପରି କେସିଙ୍ଗା ବ୍ଲକର ଉତ୍‌କେଲା, ଲିମଗାଁ, କୋକୋମୁଣ୍ଡା, ଖମାରୀ, ବୋରଗୁଡା, କନାବିରା ସମେତ ଜିଲାର ଅନ୍ୟାନ୍ୟ ଅଞ୍ଚଳରେ ଚାଷୀମାନେ ଜଳଛାୟା ପ୍ରକଳ୍ପର ସହାୟତାରେ ଏହି ସବୁ ଚାଷ କରିପାରୁଛନ୍ତି ।

**ପାହାଡ଼ କାଟି ପାଣି ଆଣିଲେ ଗାଁକୁ :** କୋରାପୁଟ ମ୍ୟୁନିସିପାଲିଟି ଅନ୍ତର୍ଗତ ୧୫ନଂ. ୱାର୍ଡରେ ରହିଛି ପିଣ୍ଡିକିମାଲିଗୁଡ଼ା ଗ୍ରାମ । ଗ୍ରାମରେ ରହନ୍ତି ୩୫ ପରିବାର । ଚାଷ ହେଉଛି ସେମାନଙ୍କ ଆୟର ମୁଖ୍ୟ ମାଧ୍ୟମ । କିନ୍ତୁ ପାଣିର ଅଭାବ ଯୋଗୁ ଗାଁରେ ଥିବା ଏକ କୂଅରୁ ପାଣି କାଢି ବର୍ଷରେ ମାତ୍ର ୩/୪ ମାସ ଫସଲ କରି ବହୁ କଷ୍ଟରେ ସେମାନେ ପରିବାର ପ୍ରତିପୋଷଣ କରୁଥିଲେ । ଏ ସମସ୍ୟାରୁ କେମିତି ମୁକ୍ତି ମିଳିବ ସେ ନେଇ ଗ୍ରାମବାସୀ ଏକତ୍ର ହୋଇ ଏକ ବୈଠକ ଡକାଇଲେ । ଗ୍ରାମବାସୀ ଏନେଇ ନିଜ ନିଜର ମତ ରଖୁଥିବାବେଳେ ଗାଁର ମୁଖିଆ ଗଙ୍ଗାଧର ନାୟକ ଗାଁଠାରୁ ୧ କି.ମି ଦୂରରେ ଥିବା ଦାଦିବୁଢ଼ା ପାହାଡ଼ ନିକଟରେ ଏକ ଝରଣା ରହିଥିବା ପ୍ରକାଶ କରିଥିଲେ । ଆଉ ସେହି ପାଣିକୁ କିପରି ଗାଁକୁ ଅଣାଯାଇପାରିବ ସେଥିପାଇଁ ଯୋଜନା କରିବାକୁ ଗ୍ରାମବାସୀଙ୍କୁ କହିଲେ । ଗ୍ରାମବାସୀ ଏନେଇ କୋରାପୁଟ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହେଲେ । କିନ୍ତୁ ଏପରି କିଛି ବ୍ୟବସ୍ଥା ମ୍ୟୁନିସିପାଲିଟିରେ ନାହିଁ ବରଂ କୋରାପୁଟ ବ୍ଲକ୍‌କୁ ଯାଇ ବିଡିଓଙ୍କୁ ସାକ୍ଷାତ କରିବାକୁ ସେମାନେ ପରାମର୍ଶ ଦେଲେ । ଏହା ପରେ ଗ୍ରାମବାସୀ ବ୍ଲକ୍‌କୁ ଯାଇ ବ୍ଲକ୍ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ । ଶେଷରେ ବାଧହୋଇ ଗ୍ରାମବାସୀ ନିଜସ୍ୱ ଉଦ୍ୟମରେ ଝରଣା ପାଣିକୁ ସୁବିଧାରେ ଗାଁକୁ ଆଣିବାକୁ ଚେଷ୍ଟା ଚଳାଇଥିଲେ । ୨୦୧୬ ନଭେମ୍ବରରେ ଗ୍ରାମବାସୀ କିଛି ବାଟ ପାହାଡ଼ିଆ ରାସ୍ତା କାଟିବା ପରେ ମାଟି ଖୋଳି ନାଳକରି ସେହିବାଟେ ପାହାଡ଼ର ଝରଣା ଜଳକୁ ଗାଁ ମୁଣ୍ଡକୁ ଆଣିଥିଲେ ଆଉ ସେଠାରେ ଏକ ଗାତ ଖୋଳି ପାଣିକୁ ଗଚ୍ଛିତ କରିଥିଲେ । ପରେ ସେଠାରୁ ପ୍ରାୟ ୩ଶହ ମିଟର ପ୍ଲାଷ୍ଟିକ୍ ପାଇପ୍ ଯୋଗେ ପାଣିକୁ ନେଇ ଗାଁ ଜମିରେ ମଡ଼ାଇଥିଲେ । ପାଇପ୍ ଭିତରେ ପାଣିର ପ୍ରବାହ ଯେମିତି ଭଲରେ ହୋଇପାରିବ, ସେଥିପାଇଁ ଖାଲୁଆ ସ୍ଥାନମାନଙ୍କରେ କେଉଁଠି କେଉଁଠି ବାଉଁଶ ଓ କାଠ ପୋତି ତା' ଉପରେ ପାଇପ୍ ରଖିଥିଲେ ତ ଆଉ କେଉଁଠି ଗଛ ଡାଳର ସନ୍ଧିରେ ପାଇପ୍‌କୁ ନେଇଥିଲେ ଗ୍ରାମବାସୀ । ଯେଉଁଥିପାଇଁ ତାଙ୍କୁ ପାଖାପାଖି ମାସେ କଠିନ ପରିଶ୍ରମ କରିବାକୁ ପଡ଼ିଥିଲା । ବର୍ତ୍ତମାନ ଏହି ସୁବିଧା ଯୋଗୁ ଗ୍ରାମବାସୀ ପ୍ରାୟ ୧୦ ଏକର ଜମିରେ ବର୍ଷସାରା ବିଭିନ୍ନ ପନିପରିବା ଚାଷ କରି ସେମାନଙ୍କର ଆର୍ଥିକ ଅବସ୍ଥାକୁ ସୁଧାରିବା ଆରମ୍ଭ କରିଛନ୍ତି । ଝରଣାରୁ ଆସୁଥିବା ପାଣିରେ କେବଳ ଚାଷବାସ ନୁହେଁ ଗାଧୋଇବା, ଲୁଗା ସଫା କରିବା, ବାସନ ମାଜିବା ଇତ୍ୟାଦି କାମ ବି ସେମାନେ ତୁଲାଉଛନ୍ତି । ଏପରି କି ପାଣିକୁ ଅଯଥା ନଷ୍ଟ ନ କରିବା ପାଇଁ ସେମାନେ ଗାଧୋଇବା ପାଣିକୁ ବି ଜମିକୁ ମଡ଼ାଇ ଦେଉଛନ୍ତି । ଏନେଇ ଗାଁର ମୁଖିଆ ଗଙ୍ଗାଧର ନାୟକ କୁହନ୍ତି, 'ଗାଁରେ ପୂର୍ବରୁ ପାଣି ପାଇଁ ବହୁ ଅସୁବିଧା ହେଉଥିଲା । ହେଲେ ବର୍ତ୍ତମାନ ଝରଣା ପାଣି ଯୋଗୁ ବର୍ଷର ପ୍ରାୟ ୧୦ ମାସ ଚାଷ ହୋଇପାରୁଛି । ଫଳରେ ଦୁଇ ପଇସା ଭଲ ରୋଜଗାର ଆମେ କରିପାରୁଛୁ ।' ଏପ୍ରିଲ ମାସ ଠାରୁ ଜୁନ ମାସ ପର୍ଯ୍ୟନ୍ତ ଝରଣାର ପାଣି ଶୁଖିଯିବା ଫଳରେ ଗ୍ରାମବାସୀଙ୍କ ଚାଷ କାର୍ଯ୍ୟକୁ ପ୍ରଭାବିତ ହୋଇଥାଏ । ଗ୍ରାମର ଉଠା ଜଳ ସେଚନ ବିଭାଗ କିମ୍ବା ଅନ୍ୟାନ୍ୟ ଇରିଗେସ ବିଭାଗ ପକ୍ଷରୁ ଜଳର ସୁବ୍ୟବସ୍ଥା କରାଗଲେ ସେମାନେ ଚାଷ କାର୍ଯ୍ୟକୁ ଆଗକୁ ବଢାଇବା ସହିତ ଅନ୍ୟାନ୍ୟ ଚାଷ କରିପାରିଥାଆନ୍ତେ ବୋଲି ଗ୍ରାମବାସୀ ମୁକୁନ୍ଦ ନାୟକ, ଅଭି ନାୟକ, ନାଗେଶ୍ୱର ନାୟକ, ଟୁନା ମାଳୀ ପ୍ରମୁଖ ପ୍ରକାଶ କରିଛନ୍ତି । ନିଜ ସମସ୍ୟା ସମାଧାନ ପାଇଁ ପିଣ୍ଡିକିମାଲିଗୁଡ଼ା ଗ୍ରାମବାସୀ ନେଇଥିବା ପଦକ୍ଷେପ ସତରେ ପ୍ରଶଂସାଯୋଗ୍ୟ ।

ପ୍ରକୃତରେ ନିଜେ ଚାହିଁଲେ ନିଜ ସମସ୍ୟା ସମାଧାନର ବାଟ କେମିତି ବାହାରିପାରିବ ତାହା ପ୍ରମାଣ କରି ଦେଖାଇ ଦେଇଛନ୍ତି ଏହି ଗ୍ରାମବାସୀ । ଯାହାକି ଅନ୍ୟମାନଙ୍କ ପାଇଁ ନିଶ୍ଚିତଭାବେ ଉଦାହରଣ ।

**-ରୋଜାଲିନ୍ ମହାନ୍ତି**

**ତଥ୍ୟ-ନରେଶ ପଟ୍ଟନାୟକ, ଦୁର୍ଯ୍ୟୋଧନ ପାତ୍ର, ଅଂଶୁମାନ ପାତ୍ର, ସୁପ୍ରିତ୍ ପୂଜାରୀ**




# ଟ୍ରାଭେଲ୍ ଟାଟୁ





**ଆଜିକାଲିର ମଡର୍ନ ଦୁନିଆରେ ଟାଟୁ କରିବାକୁ ନେଇ ଯୁବପିଢ଼ିଙ୍କ ଭିତରେ ବେଶ୍ କ୍ରେଜ୍ ରହୁଥିବା ଦେଖିବାକୁ ମିଳୁଛି। ଖାସ୍ କରି ଟ୍ରାଭେଲ୍ ଟାଟୁର ଡିମାଣ୍ଡ ଏବେ କାହିଁରେ କେତେ। ଏହି ଟାଟୁ କେବଳ ଫ୍ୟାଶନେବଲ୍ ଦେଖାଯାଏ ତାହା ନୁହେଁ, ବେଳେବେଳେ ଏହା ଭ୍ରମଣପ୍ରିୟ ଯୁବପିଢ଼ିଙ୍କ ବୁଲିବାର କ୍ରେଜ୍‌କୁ ବି ବଢ଼ାଇ ଦେଇଥାଏ। ସେମିତି କିଛି କ୍ରେଜି ଟ୍ରାଭେଲ୍ ଟାଟୁ ସମ୍ପର୍କରେ...**



**ପାଦରେ କରିବେ ଟ୍ରାଭେଲ୍ ଟାଟୁ:** ଯଦି ଆପଣ ଖୁବ୍ ଭ୍ରମଣପ୍ରିୟ, ତା'ହେଲେ ଆପଣ ଚାହିଁଲେ ଟ୍ରାଭେଲ୍ ସିମ୍ବଲର ଯେକୌଣସି ଟାଟୁକୁ ପାଦରେ କରିପାରିବେ। ଖାସ୍‌କରି ଏରୋପ୍ଲେନ୍ ଉଡୁଥିବାର ଟାଟୁ ଏଥିପାଇଁ ଭଲ ଅପ୍ସନ। ଏହି ଟାଟୁ ଦେଖିବାକୁ ଯେମିତି ଆକର୍ଷଣୀୟ ଲାଗିଥାଏ, ଠିକ୍ ସେମିତି ସ୍ମାର୍ଟ ଲୁକ୍ ବି ଦେଇଥାଏ।

**କମ୍ପାସ୍ ଟାଟୁ:** ଯେଉଁ ଯୁବପିଢ଼ିମାନଙ୍କୁ ସାଉଥ୍ ହେଉ କିମ୍ବା ନର୍ଥ ଏପରି କି ଦୁନିଆର ଯେକୌଣସି ସ୍ଥାନକୁ ଯାଇ ବୁଲିବା ପସନ୍ଦ, ସେମାନଙ୍କ ପାଇଁ ଏହି ଧରଣର ଟ୍ରାଭେଲ୍ ଟାଟୁ ପର୍‌ଫେକ୍ଟ ହୋଇଥାଏ। କମ୍ପାସ୍ ଟାଟୁର ଫ୍ୟାଶନ ଯେବେଠାରୁ ଆରମ୍ଭ ହେଲାଣି ସେବେଠାରୁ ଏହାକୁ ନେଇ ଲୋକଙ୍କ ଭିତରେ ବେଶ୍ କ୍ରେଜ୍ ରହୁଥିବା ଦେଖିବାକୁ ମିଳୁଛି। ଖାସ୍‌କରି ଭ୍ରମଣପ୍ରିୟ ବ୍ୟକ୍ତି ଏହି ଟାଟୁକୁ ଅଧିକ ପସନ୍ଦ କରିଥାନ୍ତି।

**ସନ୍‌ସେଟ୍ ଟାଟୁ:** ଏହା ବି ଏକପ୍ରକାର ଟ୍ରେଣ୍ଡି ଟ୍ରାଭେଲ୍ ଟାଟୁର ଅନ୍ତର୍ଭୁକ୍ତ। ଯେଉଁମାନଙ୍କୁ ସମୁଦ୍ର ତଟରେ ବସି ସୂର୍ଯ୍ୟାସ୍ତର ଦୃଶ୍ୟ ଦେଖିବାକୁ ଭଲ ଲାଗେ, ସେମାନେ ଚାହିଁଲେ ତାଙ୍କ ଶରୀରରେ ଏହି ଟାଟୁ କରିପାରିବେ। ସେହିଭଳି ଯେଉଁମାନଙ୍କୁ ଭ୍ରମଣର ଅନୁଭୂତିକୁ ନିଜ ଫୋନ୍‌ର କ୍ୟାମେରାରେ କ୍ୟାପ୍‌ଚର କରି ରଖିବାକୁ ଭଲ ଲାଗେ, ସେମାନେ ଚାହିଁଲେ ଏ ଧରଣର ଟାଟୁକୁ ନିଜ ବାହୁରେ ବି କରିପାରିବେ।



**ବିଚ୍ ଟାଟୁ:** ବେଳାଭୂମିରେ ବୁଲିବାର ଦୃଶ୍ୟକୁ ନେଇକି ବି ଆପଣ ଶରୀରରେ ଟାଟୁ କରିପାରିବେ। ଏହା ମଧ୍ୟ ଖୁବ୍ ଆକର୍ଷଣୀୟ ଦେଖାଯାଇଥାଏ।

**ଗ୍ଲୋବ୍ ଟାଟୁ:** ଭ୍ରମଣପ୍ରିୟ ବ୍ୟକ୍ତିମାନେ ଶରୀରରେ ଏହି ଟାଟୁ କଲେ ତାଙ୍କ ମନରେ ସର୍ବଦା ଗୋଟିଏ ଧାରଣା ଆସିଥାଏ ଯେ, ତାଙ୍କୁ କେବଳ ବୁଲିବାର ଅଛି। ଦୁନିଆର ପ୍ରତି କୋଣକୁ ତାଙ୍କୁ ଯିବାର ଅଛି ଆଉ ଜୀବନକୁ ଭରପୂର ଉପଭୋଗ କରିବାର ଅଛି।

**ଟ୍ରାଭେଲ୍ ଶବ୍ଦର ଟାଟୁ:** ଯଦି ଆପଣ ଅତି ସିମ୍ପଲ ଷ୍ଟାଇଲ୍‌ର କୌଣସି ଟ୍ରାଭେଲ୍ ଟାଟୁ କରିବାକୁ ଚାହୁଁଥାନ୍ତି, ତା'ହେଲେ ଟ୍ରାଭେଲ୍ ସ୍ପେଲିଙ୍ଗ୍‌ର ଇଂଲିଶ ଶବ୍ଦକୁ ଏଥିରେ ସାମିଲ କରିପାରିବେ। ଏହି ଟାଟୁକୁ ଆପଣ ହାତରେ, କାନ୍ଧରେ, ବାହୁରେ ନଚେତ୍ କାନ ପଛରେ ବି କରିପାରିବେ।

ଏସବୁ ବ୍ୟତୀତ କୌଣସି ଦେଶର ମ୍ୟାପ୍ , ହଟ୍ ଏୟାର୍ ବେଲୁନ୍ କିମ୍ବା ବସ୍, ଟ୍ରେନ୍ ତଥା ବୋଟ୍ ଇତ୍ୟାଦିର ଟାଟୁକୁ ଶରୀରରେ କଲେ ଏହା ବ୍ୟକ୍ତିଙ୍କର ଭ୍ରମଣ ପ୍ରିୟର ମନୋଭାବକୁ ସ୍ପଷ୍ଟ ସୂଚାଇ ଦେଇଥାଏ।







# ଚାରି ବୋହେମିଆନ୍ ଲେଖକ

ସାହିତ୍ୟରେ ବୋହେମିଆନ୍‌ପଣର ଏକ ସ୍ୱତନ୍ତ୍ର ଆଦର ରହିଛି। ବୋହେମିଆନ୍ ବାଦ ବା ବୋହେମିଆନିଜମ୍‌କୁ ସାଧାରଣ ଅର୍ଥରେ କହିଲେ ଜୀବନକୁ ମୁକ୍ତ ଭାବରେ ବଞ୍ଚିବା। ଜୀବନକୁ ନେଇ ପରୀକ୍ଷା ନିରୀକ୍ଷା କରିବା। ସାମାଜିକତାର ଭୟରେ ନିଜକୁ ସଙ୍କୁଚିତ କରି ନ ଦେବା। ବିଶ୍ୱ ସାହିତ୍ୟରେ ଏମିତି ଅନେକ ସାରସ୍ୱତ ସ୍ରଷ୍ଟା ଅଛନ୍ତି, ଯେଉଁମାନେ ବୋହେମିଆନିଜମ୍‌କୁ ଆପଣେଇ ନେଇଛନ୍ତି।

### ଜୀବନ ନୁହେଁ; ବଡ଼କଥା ବଞ୍ଚିବା

ସର୍ଜନଶୀଳ ସାହିତ୍ୟ ସୃଷ୍ଟି କ୍ଷେତ୍ରରେ ଆନାଇନ୍ ଯେତିକି ପରିଚିତ ଥିଲେ ; ଜଣେ ବୋହେମିଆନ୍ ଲେଖିକା ଭାବରେ ତାଙ୍କୁ ସବୁଠୁ ବେଶି ଲୋକ ଜାଣିଥିଲେ। କ୍ରିଟିକ୍‌ମାନଙ୍କ ମତରେ ଆନାଇସ୍ ତାଙ୍କର ସମଗ୍ର ଜୀବନକୁ ଜଣେ ବୋହେମିଆନ୍ ଭାବରେ ବିତେଇ ଦେଇଥିଲେ। ଜୀବନ ବଡ଼କଥା ନୁହେଁ। ବଡ଼କଥା ହେଉଛି ସେହି ଜୀବନକୁ ଜଣେ ବ୍ୟକ୍ତି କେମିତି ଜିଉଛି। ଏହାଥିଲା ଆନାଇନ୍‌ସଙ୍କ ବୋହେମିଆନ୍ ପଣର ସବୁଠୁ ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ। ହେନ୍‌ରୀ ମିଲର୍‌ଙ୍କ ସହିତ ତାଙ୍କର ଖୁବ୍ ଅନ୍ତରଙ୍ଗ ସମ୍ପର୍କ ରହିଥିଲା। ଏହାକୁ ସେ ଖୁଲମ୍‌ଖୁଲା ସ୍ୱୀକାର କରିଥିଲେ। ସମାଜକୁ ତାଙ୍କର ତିଳେ ବି ଭୟ ନ ଥିଲା। ହେନରୀଙ୍କ ସହିତ ସମ୍ପର୍କ ରଖିଥିଲେ ସତ ; ତେବେ ବିବାହ କରିଥିଲେ ରୁପର୍ଟ ପଲଙ୍କୁ। ରୁପର୍ଟ ଥିଲେ ଜଣେ ଅଭିନେତା। ଆନାଇନ୍ ରୁପର୍ଟଙ୍କ ଠାରୁ ୧୫/୧୬ବର୍ଷ ବଡ଼ଥିଲେ। ଏହା ଥିଲା ତାଙ୍କର ଦ୍ୱିତୀୟ ବିବାହ। ପ୍ରଥମ ସ୍ୱାମୀଙ୍କ ନାମ ଗୁଇଲର। ସେ ଜାଣିଥିଲେ ତାଙ୍କ ପତ୍ନୀ ଜଣେ ବୋହେମିଆନ୍। ତେଣୁ ସେ ତାଙ୍କର କୌଣସି କାର୍ଯ୍ୟରେ ହସ୍ତକ୍ଷେପ କରୁ ନ ଥିଲେ। ଏମିତି କି ଗୁଇଲର ତାଙ୍କର ଦ୍ୱିତୀୟ ବିବାହ ତଥା ହେନରୀଙ୍କ ସହିତ ଥିବା ସମ୍ପର୍କ କଥା ଜାଣିଥିଲେ। ଜାଣି ମଧ୍ୟ ତାହାକୁ ସ୍ୱୀକୃତି ଦେଇଥିଲେ। ୧୯୬୦ ମସିହାରେ ବିଶ୍ୱରେ ନାରୀବାଦୀ ଆନ୍ଦୋଳନ ଆରମ୍ଭ ହେଲା। ଆନାଇସ୍ ଥିଲେ ଜଣେ ନାରୀବାଦୀ। ତେଣୁ ତାଙ୍କର ଲୋକପ୍ରିୟତା ବଢ଼ିଥିଲା। ୧୯୭୩ରେ ଆନାଇସ୍‌ଙ୍କୁ ଫିଲାଡେଲଫିଆ କଲେଜରୁ ତାଙ୍କୁ ଡକ୍ଟର ଉପାଧି ମିଳିଲା। ସେ କର୍କଟ ରୋଗରେ ପୀଡ଼ିତ ଥିଲେ। ୧୯୭୭ ମସିହାରେ ତାଙ୍କର ମୃତ୍ୟୁ ଘଟିଥିଲା।

### ଜୀବନ ଥିଲା ଏକ ପରୀକ୍ଷାଗାର

ବିଶ୍ୱ ସାହିତ୍ୟର ଆଉଜଣେ ବୋହେମିଆନ୍ ଲେଖିକା ଥିଲେ ସୁସାନ୍। ସେ ଥିଲେ ଖୁବ୍ ନିର୍ଭୀକା ଓ ସ୍ପଷ୍ଟବାଦିନୀ। ବ୍ୟକ୍ତିଗତ ତଥା ଲେଖକୀୟ ସ୍ୱାଧୀନତା ହାସଲ ଥିଲା ତାଙ୍କର ଏକମାତ୍ର ଦାବି। ଜୀବନ ଗୋଟିଏ ପିଞ୍ଜରାରେ ରହୁଥିବା ପକ୍ଷୀ ନୁହେଁ। ଏହା ଆକାଶରେ ଉଡୁଥିବା ଇଗଲ। ଜଣେ ଜୀବନକୁ ନେଇ ଯେମିତି ବି ପରୀକ୍ଷା କରିପାରେ। କ୍ରିଟିକ୍‌ମାନେ କହନ୍ତି ସୁସାନ୍ ତାଙ୍କ ଜୀବନକୁ ଭିନ୍ନ ଭିନ୍ନ ବାଗରେ ପରୀକ୍ଷା କରିଥିଲେ। ଆଉ ତାହାର ନିଷ୍କର୍ଷ ହିଁ ତାଙ୍କର ସାହିତ୍ୟକୁ ମହିମାମଣ୍ଡିତ କରିଥିଲା। ସୁସାନ୍ 'ପେନ୍ ଆମେରିକାନ୍ ସେଣ୍ଟର୍'ର ଅଧକ୍ଷା ଥିଲେ। ଏଠାରେ କାର୍ଯ୍ୟରତ ଥିବା ବେଳେ ସେ ନିଜକୁ ସମ୍ପୂର୍ଣ୍ଣ ରୂପେ ବୋହେମିଆନ୍ କରି ତୋଳିଥିଲେ ଆଉ ତାଙ୍କର ଜୀବନ ପାଲଟି ଯାଇଥିଲା ତାଙ୍କ ପାଇଁ ପାଠାଗାର। ତାଙ୍କୁ ଯେତେବେଳେ ୩୦ ବର୍ଷ ବୟସ ସେତେବେଳେ ସେ ଲେଖିଥିଲେ ତାଙ୍କର ପ୍ରଥମ ଉପନ୍ୟାସ 'ଦି ବେନିଫେକ୍ଟର'। ତାଙ୍କର ଦ୍ୱିତୀୟ ଉପନ୍ୟାସ 'ଡେଥ୍ କିଟ୍' । ଦୁଇଟି ଯାକ ଉପନ୍ୟାସ ଥିଲା ପରୀକ୍ଷାମୂଳକ। ତାଙ୍କର ପ୍ରଥମ କ୍ଷୁଦ୍ରଗଳ୍ପ 'ଦି ୱେ ୱି ଲିଭ୍ ନାଉଁ'। ଜଣେ ବୋହେମିଆନ୍ ତା'ର



ଜୀବନକୁ କେମିତି ବଞ୍ଚେ ତାହା ସେ ଏହି ଗଳ୍ପରେ ଦର୍ଶାଇଛନ୍ତି। ତାଙ୍କର ବହୁ ଚର୍ଚ୍ଚିତ ଉପନ୍ୟାସ 'ଦି ଭଲକାନୋ ଲଭର' । ଏହା ମଧ୍ୟ ତାଙ୍କର ଜୀବନକୁ ନେଇ ଏକ ଏକ୍ସପେରିମେଣ୍ଟ। ସେ ମଧ୍ୟ ଫିଲ୍ମ ଓ ନାଟକର ରଚନା କରିଥିଲେ। ସେ ଥିଲେ ଜଣେ ନିର୍ଦ୍ଦେଶିକା। ଜଣେ ମହିଳା କାହିଁକି ନିର୍ଦ୍ଦେଶକ ହୋଇପାରିବନି ସେହି ସ୍ୱର ଉଠାଇଥିଲେ ସେ । ତାଙ୍କ ରଚିତ ତଥା ନିର୍ଦ୍ଦେଶିତ ସବୁଠାରୁ ପ୍ରସିଦ୍ଧ ନାଟକ ହେଉଛି 'ଲେଡି ଫ୍ରମ୍ ଦି ସି' । ସୁସାନ୍ ତାଙ୍କର ଜୀବନଶୈଳୀ ପାଇଁ ମଧ୍ୟ ବହୁ ଭାବରେ ସମାଲୋଚିତ ହୋଇଥିଲେ।




ମାତ୍ର ତାହାକୁ ସେ କଦାଚିତ ଖାତିର କରି ନ ଥିଲେ କିମ୍ବା ତାହାଦ୍ୱାରା ପ୍ରଭାବିତ ହୋଇ ନ ଥିଲେ।

### ବହୁ ସମ୍ପର୍କରେ ବିଶ୍ୱାସୀ

କର୍ଟ ଥିଲେ ଜଣେ ବହୁ ସମ୍ପର୍କରେ ବିଶ୍ୱାସ ରଖୁଥିବା ବ୍ୟକ୍ତି। ତେଣୁ ତାଙ୍କୁ ମଧ୍ୟ କ୍ରିଟିକ୍‌ମାନେ ଅନେକାଂଶରେ ବୋହେମିଆନ୍ ଭାବରେ ବିବେଚନା କରୁଥିଲେ। ସେ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ତାହା ପଛରେ କାରଣ ଥିଲା ଜୀବନକୁ ମୃତ୍ୟୁର ଦୃଷ୍ଟିଭଙ୍ଗୀରୁ ବୁଝିବା। ତାଙ୍କର ବୈବାହିକ ଜୀବନ ଥିଲା ବେଶ୍ ଘଟଣାବହୁଳ। ଦ୍ୱିତୀୟ ବିଶ୍ୱଯୁଦ୍ଧରୁ ଫେରି ସେ ତାଙ୍କର ପ୍ରେମିକା ମେରୀଙ୍କୁ ବିବାହ କରିଥିଲେ। ବିବାହ କିଛିଦିନ ଭଲରେ କଟିଥିଲା। ମାତ୍ର ତା'ପରେ କର୍ଟ ତାଙ୍କର ବୈବାହିକ ଜୀବନ ପ୍ରତି ବିମୁଖ ହୋଇପଡ଼ିଥିଲେ। ଆଉ ବିନା ଛାଡ଼ପତ୍ରରେ ପ୍ରେମିକା ମେରୀଙ୍କ ଠାରୁ ଦୂରେଇ ଯାଇଥିଲେ। ଏହାପରେ ସେ ଜିଲ୍‌ଙ୍କୁ ବିବାହ କଲେ। ଏଭଳି ଭାବରେ ସେ ଏକାଧିକ ନାରୀଙ୍କ ସହିତ ସମ୍ପର୍କ ରଖିଥିଲେ। ତାହାର ଉଦ୍ଦେଶ୍ୟ ଥିଲା ସେ ସମ୍ପର୍କକୁ ନିଜ ଇଚ୍ଛା ଅନୁସାରେ ଭୋଗକରିବେ। ଅବଶ୍ୟ ଏହା ତାଙ୍କର ସାହିତ୍ୟ ଉପରେ କୌଣସି ପ୍ରଭାବ ପକେଇ ନ ଥିଲା। କ୍ରିଟିକ୍‌ମାନେ କର୍ଟଙ୍କୁ ନେଇ ଏକ ସୁନ୍ଦର ମନ୍ତବ୍ୟ ରଖନ୍ତି। କର୍ଟଙ୍କ ଲେଖାରେ ଯେଉଁ ଏତେ ଘଟଣା ଦେଖିବାକୁ ମିଳେ ତାହା କେବଳ ତାଙ୍କର ସେହି ବୋହେମିଆନ୍‌ପଣ ଯୋଗୁ। କର୍ଟଙ୍କ ପ୍ରଥମ କ୍ଷୁଦ୍ରଗଳ୍ପ 'ରିପୋର୍ଟ ଅନ୍ ଦି ବର୍ନହାଉସ୍ ଇଫେକ୍ଟ' । ଏଥିରେ ସମ୍ପର୍କକୁ ନେଇ ଏକ ଭିନ୍ନବ୍ୟାଖ୍ୟା କରିଛନ୍ତି। ତାଙ୍କର ପ୍ରଥମ ଉପନ୍ୟାସ 'ପ୍ଲେୟର ପିଆନୋ' । ଏହା ଏକ 'ଡିସ୍‌ଟୋପିଆନ୍ ନଭେଲ' ଯେଉଁଠି ମଣିଷକୁ କିପରି ମେଶିନ୍ ଅକାମୀ ଓ ନିକମ୍ମା କରିଦେଉଛି ତାହାର ନିଖୁଣ ଚିତ୍ର ରହିଛି। ୨୦୦୭ରେ କର୍ଟଙ୍କ ଦେହାନ୍ତ ଘଟିଥିଲା।

### କେବଳ ଲେଖାରେ ବୋହେମିଆନ୍

କେନ୍ ବାସ୍ତବ ଜୀବନରେ ଜଣେ ରାସନାଲ ମଣିଷ ଥିଲେ। ମାତ୍ର ତାଙ୍କର ଲେଖାରେ ଭରି ହୋଇ ରହିଥିଲା ବୋହେମିଆନିଜମ୍ ବା ଜୀବନକୁ ବଞ୍ଚିବାର ବେଖିଆଲ୍‌ପଣ। ସେ ସବୁକିଛି ରଚନା କରିଛନ୍ତି। ଗପ, ଉପନ୍ୟାସ, ନାଟକ, ପ୍ରବନ୍ଧ ଲେଖି ତାଙ୍କର ଖ୍ୟାତିକୁ ଆକାଶରେ ପହଞ୍ଚାଇଛନ୍ତି। ତାଙ୍କର ପ୍ରଥମ ଉପନ୍ୟାସ 'ଦି ମାଷ୍ଟର ଅଫ୍ ମ୍ୟାନ୍' । ଜଣେ ଅପରାଧୀର ଜୀବନ ବୃତାନ୍ତକୁ ଆଧାର କରି ଏହି ଉପନ୍ୟାସଟିକୁ ଲେଖିଥିଲେ କେନ୍। ଚରିତ୍ରଟି ଅପରାଧୀ ସତ, ମାତ୍ର ସେ ତାହାକୁ ନେଇ ବ୍ୟଥିତ ନୁହେଁ। ତା' ଜୀବନ ତାକୁ ଯେମିତି ଆଗକୁ ନଉଛି ସେ ସେମିତି ଆଗକୁ ଯାଉଛି। କେନ୍ ମଧ୍ୟ ଥିଲେ ଜଣେ ରାଜନେତା। ସେ ରାଜନେତା ହେବାଲାଗି ରାଜନୀତିକୁ ଯାଇ ନ ଥିଲେ। ଅଧିକନ୍ତୁ ଜଣେ ରାଜନେତାର ଜୀବନ କ'ଣ ସେକଥା ବୁଝିବା ପାଇଁ ରାଜନୀତିକୁ ଯାଇଥିଲେ। ଆଉ ସେହି ଜୀବନକୁ ଆଧାର କରି ସେ ଅନେକ ଗଳ୍ପ ଓ ଉପନ୍ୟାସ ସୃଷ୍ଟି କରିଥିଲେ। ୧୯୩୧ରେ ତାଙ୍କର ପରଲୋକ ଘଟିଥିଲା।



## ଅସହିଷ୍ଣୁତା

–ଉମାଶଙ୍କର ପାଳ

ସମୟର କଣ ବା ଅଛି ସ୍ଥିରତା ଯେ
ଆମ ଭିତରେ ଏତେ ଅସହିଷ୍ଣୁତା
ଦଣ୍ଡକ ପରେ ତୁମେ ଚାଲିଯାଇପାର
ମୋତେ ବି ସଜାଡିବାକୁ ପଡିପାରେ
ମୋ ଗଣ୍ଡିଲି
କାହିଁକି ଏ ହିସାବ ନିକାଶ
କେତେ ମୁଁ ହାରିଲି ଅବା କେତେ ମୁଁ ଜିତିଲି ।

...................................

## ଗଙ୍ଗାବତରଣ

କାମନାରେ ଜଳି ପୋଡି ଯାଉଥିବା
ମୋ ଦେହର ମର୍ତ୍ତ୍ୟଭୂମେ
କିଏ ତୁମେ ଭଗୀରଥ
କରାଇଲ ଗଙ୍ଗାବତରଣ
ମୋ ପ୍ରତିଟି ଲୋମକୂପେ
ପ୍ରେମର ପ୍ଲାବନ ।

–ଅଧ୍ୟାପକ, ଓୟୁଏଟି,
ଭୁବନେଶ୍ୱର



# କିଛି ଦୂରତା ଏମିତି

–ବିଜୟଲକ୍ଷ୍ମୀ ନାୟକ

ଖରାକୁ ପିଠିକରି ବସିଥିଲା ଜାହ୍ନବୀ, ମୁହଁରେ ଖରା ଛାଇର ଚିହ୍ନ । ଛାତ ଉପରଟା କେମିତି କେଜାଣି ଖାଁ ଖାଁ ଲାଗୁଥିଲା । ଫେବୃୟାରୀ ମାସର ଧୀର ମନ୍ଥର ଗତିର ପବନ ଧୀରେ ଧୀରେ ଛୁଉଁଥିଲା ଗଛପତ୍ରକୁ। ସବୁ ହଲୁଥାନ୍ତି। କାନ୍ଦ ଲାଗିଲେ ବି ଛାତି ଭିତରେ ଚାପି ରଖିଥିଲା ଜୋର୍ କରି କୋହ ସବୁକୁ କିନ୍ତୁ ଧୀରେ ଧୀରେ ବୋହି ଆସୁଥିଲା ଲୁହ ସବୁ ଅନୁଭବର ନଈବନ୍ଧ ଭାଙ୍ଗି ।

ଛାତି ଭିତରେ ଯନ୍ତ୍ରଣା ଯେବେ ବାହାରକୁ ବାହାରି ନ ପାରେ ଲୁହ ହିଁ ତ ମୁଖ୍ୟ ଭୂମିକା ଗ୍ରହଣ କରେ । ଜାହ୍ନବୀ ମୋବାଇଲ୍‌ରୁ ଶ୍ରୀକାନ୍ତର ନଂକୁ ଡାଏଲ୍ କରୁଥାଏ । ଥରକୁ ଥର ସେପଟୁ ନଂ ସୁଇଚିଡ୍ ଅଫ୍ ଆସୁଥାଏ । ସୋସିଆଲ୍ ମିଡିଆରୁ ସବୁ ସାଇଟ୍‌ରୁ କେବେଠୁ ବ୍ଲକ୍ ହେଇ ସାରିଛି ଜାହ୍ନବୀ । କେମିତି ବା ଆଉ ଯୋଗାଯୋଗ କରି ପାରିବ ? ? କଣ ଅବା ଆଉ କରି ପାରିବ ? ଏମିତି ଗୋଟେ ସୋସିଆଲ୍ ସାଇଟ୍‌ରୁ ସଂପର୍କ ଗଢି ଉଠିଥିଲା । ନିଜ ଭିତରର ଅସ୍ଥିରତାକୁ ନିଜେ ହିଁ ସମ୍ଭାଳି ନେଇ ନିଜକୁ ମଜବୁତ କରୁଥାଏ ଜାହ୍ନବୀ ।

ପ୍ରଥମ କରି କାହାକୁ ଅଧିକ ବିଶ୍ୱାସ ଆଉ ଭରଷା କରି ଭଲପାଇବାରେ କଟେଇ ଦେଇଥିଲା କିଛି ମାସ । ଶ୍ରୀକାନ୍ତକୁ ନେଇ ଅନେକ ସ୍ୱପ୍ନ ଏ ଭିତରେ ଆଖିରେ ଖୁନ୍ଦି ସାରିଲାଣି । ଶ୍ରୀକାନ୍ତ ଖୁବ୍ ଚୁପଚାପ୍ ଖୁବ୍ କମ୍ କଥା କୁହେ, ମାପଚୁପ କଥାବାର୍ତ୍ତା । ଶ୍ରୀକାନ୍ତକୁ ବୁଝି ପାରୁ ନ ଥାଏ ଜାହ୍ନବୀ । ଯେବେ କିଛି କୁହେ ଆଉ କିଛି କଥାର ବାହାନା ଦେଖେଇ ଅଣଦେଖା କରେ । ପ୍ରଥମେ ତ ଶ୍ରୀକାନ୍ତ ଏମିତି ନ ଥିଲେ କେତେ ଆଶା ପ୍ରତିଶ୍ରୁତି ଦେଇ ଏମିତି ଅଣଦେଖା କରିବାର କାରଣ କଣ ହେଇପାରେ ? ?

ଖୁବ୍ କଷ୍ଟ ପାଏ ଜାହ୍ନବୀ ଭିତରେ ଭିତରେ ବହୁତ ଭାଙ୍ଗିପଡେ । ଯେବେ ବାହାଘର କଥା ଉଠାଏ ଚୁପ୍ ରୁହେ ଶ୍ରୀକାନ୍ତ । କିନ୍ତୁ ମଝିରେ ମଝିରେ ମେସେଜ୍ କରି ଭଲ ମନ୍ଦ ବୁଝୁଥାଏ । ଯେମିତି ଲାଗେ କେହି ଜଣେ ବେଶି ଆପଣାର ପୁଣି କେବେ ଲାଗେ ବେଶି ଅପରିଚିତ । ଶ୍ରୀକାନ୍ତ ଜାହ୍ନବୀକୁ କୁହେ କି ତୁମେ ମତେ କେବେ ଛାଡି କୁଆଡେ ଯିବ ନାହିଁ । ସବୁବେଳେ ସାଥିରେ ଥିବ । କିନ୍ତୁ ଜାହ୍ନବୀ ବୁଝି ପାରେନି ସେତ ଯେମିତି ସେମିତି ଅଛି କିନ୍ତୁ ଶ୍ରୀକାନ୍ତ କାହିଁକି ବଦଳି ଯାଉଛନ୍ତି । ଅପେକ୍ଷା କରେ ମାସ ମାସ ଧରି ମେସେଜ୍ ଟିଏ ପାଇଁ । ଠିକ୍ ରୂପେ ନ ଜାଣି ନ ବୁଝି ହୃଦୟରେ ଯାଗା ଦେବାଟା ଠିକ୍ ନ ଥିଲା କି ଆବଶ୍ୟକତାଠାରୁ ଅଧିକ ଭଲ ପାଇବା ଦେବା ବୋଧେ ଠିକ୍ ନ ଥିଲା । ଭିତରୁ ପୁଣି କଷ୍ଟ ହୁଏ, କିଛି ଗୋଟେ ହଜିଗଲା ଭଳି ଖୋଜିହୁଏ ଜାହ୍ନବୀ । ପୁଣି ଲୁହ ଟୋପେ ଝରି ଆସେ ଗାଲ ଦେଇ ଓଠରେ ପଡି ତଳକୁ ଗଡିଯାଏ ।

ମୁଣ୍ଡ ଉପରୁ ଖରା ଘୁଞ୍ଚି ଗଲାଣି । ସେ ପଟୁ ବୋଉର ଡାକ ଜାହ୍ନବୀ, ଜାହ୍ନବୀ ମା’ ଆସିଲୁ ଜଲଦି ଆସ ।

ଘରେ ସବୁ ବନ୍ଧୁ ବାନ୍ଧବ ତତେ ଖୋଜୁଛନ୍ତି । ହଁ, ବୋଉ ଯାଉଛି କହି ସାଲୱାର୍‌କୁ ଠିକ୍ କରି ଛାତ ଉପରୁ ଜାହ୍ନବୀ ଆସିଲା । ସେପଟୁ ମଙ୍ଗନ ପାଇଁ ବାଜା ବାଜିଲାଣି । ବଡ ଭାଉଜ ଆଉ ଗାଁ ର କିଛି ସ୍ତ୍ରୀ ଲୋକ ମଙ୍ଗନ ପାଇଁ ତରତର । ହଳଦିଆ ଲୁଗା ଖଣ୍ଡିଏ ପିନ୍ଧେଇ ଦେଇ ଗାଲରେ ହଳଦି ଲଗେଇ ଦେଲା ପରେ ମୁଣ୍ଡ ଉପରେ ଅଜାଡ଼ା ହେଉଥିବା ବାଢୁଅ ପାଣି ସାଥିରେ ଧୀରେ ଧୀରେ ଲୁହ ମାନେ ଖସୁଥିଲେ । ସବୁ କାନ୍ଦୁଥିଲେ ଜାହ୍ନବୀକୁ ଧରି କୁଆଁରୀ ଜୀବନ ସରିଗଲା ବୋଲି । ଜାହ୍ନବୀ ବି ଖୁବ୍ ଜୋରରେ କାନ୍ଦୁଥାଏ ଆଉ କାହା ନାଁରେ ହଳଦି ଲଗେଇବା ପରେ ।

–ଭାଟସାହି,
ବାହାଡାଝୋଲା, ନୟାଗଡ

## ହୃଦୟେ ଅଭୁଲା ଦାଗ

–ସୁବ୍ରତ ମଲିକ

ଫିକା ତ ଲାଗୁଛି
ଆଜିର ଫଗୁଣ
ବୋଲିଲେ ବି ଯେତେ ରଙ୍ଗ...
ତୁମ ହାତେ ବୋଳା
ସେହି ରଙ୍ଗ ମୋର
ହୃଦୟେ କରିଛି ଦାଗ...
ସେ ଦାଗ ଲିଭୁନି
ସମୟର ସ୍ରୋତେ
ନାହିଁ ଲିଭାଇବା ଇଚ୍ଛା..
ଗହମ ରଙ୍ଗର
କଅଁଳ ହାତରେ
ଭରିଥିଲା ଚପଳତା ...
ରଙ୍ଗ ଖେଳିବା ତ
ଥିଲା ଯେ ବାହାନା
ପାଇବାକୁ ତୁମ ସ୍ପର୍ଶ...
ଫଗୁଣ ଫଗୁକୁ
କରି ସହଚର
ଯାଇଥିଲି ତୋର ପାଶ...
ବୋଳାବୋଳି ହେଲେ
ଇନ୍ଦ୍ରଧନୁ ରଙ୍ଗ
ଅତି ସନ୍ତର୍ପଣ ଭାବେ...
ସ୍ମୃତି ହୋଇ ତାହା
ମନେପକାଉଛି
ଫଗୁଣ ଆସୁଛି ଯେବେ...

–ମଙ୍ଗଳପୁର, ଅସୁରାଳି
ଭଦ୍ରକ,୭୫୬୧୩୭

## ଅତୀତ


–କସ୍ତୁରୀ ଚରଣ ରାଉତ

ଅତୀତ...
ଆଖି ଲୁହର ପାଚେରୀ ସେପାଖେ
ଦୂରର କେଉଁ ଏକ
ଅଖ୍ୟାତ ପଲ୍ଲୀ..
ହୃଦୟର ନିଭୃତ କୋଣରୁ
ଥିରିଥିରି ଭାସି ଆସୁଥିବା
ଶୈଶବର ନିରବ ଝଙ୍କାର ।
ଅତୀତ....
ହାତ ପାଆନ୍ତାର
ଅସମ୍ଭବ ଦୂରତାରେ ଥିବା
ପ୍ରୀତିମୟ ବେଳା...
ଶୀତ ସକାଳର
ବୃନ୍ତଚ୍ୟୁତ ପାଚିଲା ପତର,
ଭଙ୍ଗା ଦର୍ପଣର
ଅସ୍ପଷ୍ଟ ପ୍ରତିବିମ୍ବ ।

–ଶିକ୍ଷକ, ସତ୍ୟବାଦୀ ହାଇସ୍କୁଲ୍
ଧଣ୍ଡାମାଳ’ଦେଓଗାଁ, ବଲାଙ୍ଗିର







ବାବୁସାନ୍

# ଲଭରବୟଙ୍କ ଆକ୍ସନ ଅବତାର

ଓଲିଉଡ୍‌ରେ ତାଙ୍କର କ୍ୟାରିୟର ଆରମ୍ଭ ହୋଇଥିଲା 'ରୋମିଓ ଦ ଲଭରବୟ' ଚଳଚ୍ଚିତ୍ରରୁ। ଏଥର ଅନେକେ ଅନୁମାନ କରିସାରିବେଣି ସେ କିଏ ? ହଁ, ସେହି ଅଭିନେତା ଜଣକ ହେଲେ ବାବୁସାନ୍। ଯା ଭିତରେ ସେ ବେଶ୍ କେତୋଟି ସିନେମାରେ ଆକ୍ଟିଂ କରି ସିନେପ୍ରେମୀଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି। ସେ ଅଭିନୟ କରିଥିବା ସିନେମାଗୁଡ଼ିକରେ ତାଙ୍କର ରୋମାଣ୍ଟିକ ଏବଂ କମେଡି ରୋଲ୍‌କୁ ବେଶ୍ ପ୍ରଶଂସା କରାଯାଇଛି। ହେଲେ ଚଳିତବର୍ଷ ରଜରେ ବାବୁସାନ୍ ସମ୍ପୂର୍ଣ୍ଣ ନୂଆ ଅବତାରରେ ପରଦା ଉପରକୁ ଆସୁଛନ୍ତି। ସେ ଅଭିନୟ କରୁଥିବା ଓଡ଼ିଆ ସିନେମା 'ବିଦ୍ୟାରାଣ'ରେ ତାଙ୍କୁ ଏଭଳି ଆକ୍ସନ ଅବତାରରେ ଦର୍ଶକ ଦେଖିବାକୁ ପାଇବେ। ଏଥିପାଇଁ ତାଙ୍କୁ କମ ପରିଶ୍ରମ କରିବାକୁ ପଡିନାହିଁ। ନିଜ ଫିଗରକୁ ସିକ୍ସ ପ୍ୟାକ୍ କରିବାକୁ ପଡିଛି ଏବଂ ସେଥିପାଇଁ ଟ୍ରେନର ଅଭିଜିତଙ୍କ ତତ୍ତ୍ୱାବଧାନରେ ସେ ବେଶ୍ ଝାଳ ବୁହାଇଛନ୍ତି। ଆଚାର୍ଯ୍ୟ ଏଣ୍ଟରଟେନମେଣ୍ଟ ଏବଂ ତଥ୍ୟ ପ୍ରଡକ୍ସନ ବ୍ୟାନରରେ ଚିତ୍ରଟିର ପ୍ରଯୋଜନା କରିଛନ୍ତି 'ପ୍ରେମ ପାଇଁ ମହାଭାରତ'ର ପ୍ରଯୋଜକ ପ୍ରଦୀପ୍ତ କୁମାର ଆଚାର୍ଯ୍ୟ ଏବଂ ନବାଗତ ନିରଞ୍ଜନ ନାୟକ। ଏହାର ନିର୍ଦ୍ଦେଶନା ଦାୟିତ୍ୱ ତୁଲାଉଛନ୍ତି ଜ୍ୟୋତି ଦାସ। ଖାସ୍ କଥା ହେଲା, ଜ୍ୟୋତିଙ୍କ ନିର୍ଦ୍ଦେଶନାରେ ବାବୁସାନ ପ୍ରଥମ ଥର ପାଇଁ ଅଭିନୟ କରିବେ। ବାପୁ ଗୋସ୍ୱାମୀ ସଂଳାପ ରଚନା କରିଥିବା ବେଳେ ଏଥିରେ ସଂଯୋଜିତ ୫ଟି ଗୀତକୁ ଆଗଧାଡିର ସ୍ୱରକାର ବୈଦ୍ୟନାଥ ଦାଶ ସ୍ୱର ଦେଇଥିବା ବେଳେ ରଚନା କରିଛନ୍ତି ବାପୁ ଗୋସ୍ୱାମୀ ଏବଂ ଡ. ନିର୍ମଳ ନାୟକ। 'ଶିଷ୍ଟର ଶ୍ରୀଦେବୀ' ପରେ ବାବୁସାନ୍‌ଙ୍କ ସହ ଦ୍ୱିତୀୟ ଥର ପାଇଁ ସ୍କ୍ରିନ୍ ଶେୟାର କରୁଛନ୍ତି ଶିବାନୀ। ଏଥିରେ ବବି ମିଶ୍ର ନେଗେଟିଭ ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ବେଳେ ମିହିର ଦାସ ଏକ ଗୁରୁତ୍ୱପୂର୍ଣ୍ଣ ରୋଲ୍‌ରେ ଅଭିନୟ କରୁଛନ୍ତି। ଫିଲ୍ମର ଗୀତ ଶୁଟିଂ ନିକଟରେ ଶେଷ ହୋଇଛି। ତେବେ ଏଥର ରଜରେ ବାବୁସାନ୍‌ଙ୍କ 'ବିଦ୍ୟାରାଣ' ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ଦେଖିବାକୁ ବାକି ରହିଲା।

# ଗୁରୁ ଖୋଜୁଛନ୍ତି ତାରା

ତାରା ସୁଟାରିଆ ଏବେ ଗୁରୁ ଖୋଜିବାରେ ବ୍ୟସ୍ତ ଅଛନ୍ତି। ହେଲେ କ'ଣ ପାଇଁ ଜାଣନ୍ତି ? ଆକ୍ଟିଂ ସହ ସେ କୁଆଡେ ଗୀତ ଗାଇବେ। ତେଣୁ ଗୀତ ପ୍ରାକ୍ଟିସ କରିବା ପାଇଁ ସେ ଜଣେ ସଙ୍ଗୀତ ଗୁରୁ ଖୋଜୁଛନ୍ତି। ନିକଟରେ ସେ 'ଏକ ଭିଲେନ୍-୨'ରେ ଅଭିନୟ କରିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି। ଏଥିରେ ସେ ଏକ ଗୀତ ଗାଇବାର ଯୋଜନା ରହିଛି। ପିଲାଦିନେ ସେ ଗୀତ ଗାଉଥିଲେ। ଏପରି କି କେତେକ ଷ୍ଟେଜ୍ ଶୋ'ରେ ମଧ୍ୟ ସେ ସଙ୍ଗୀତ ପରିବେଷଣ କରିସାରିଛନ୍ତି। ଏ ସମ୍ପର୍କରେ ତାରା କହନ୍ତି, 'ମୁଁ ଅଭିନୟ କରିବାକୁ ଯାଉଥିବା 'ଏକ ଭିଲେନ୍-୨'ରେ ଗୀତଟିଏ ଗାଇବି ବୋଲି ଏହାର ମେଲ୍ ଲିଡ୍‌ରେ ଅଭିନୟ କରୁଥିବା ଜନ୍ ଆବ୍ରାହମ ମୋତେ ପରୋକ୍ଷରେ ସୂଚନା ଦେଇସାରିଛନ୍ତି। ତେଣୁ ମୁଁ ଏବେ ଜଣେ ଭଲ ସଙ୍ଗୀତ ଗୁରୁଙ୍କ ଅଧୀନରେ କିଛି ଦିନ ଗୀତ ଗାଇବା ପ୍ରାକ୍ଟିସ କରିବାକୁ ଚାହୁଁଛି।' ଏହି ଫିଲ୍ମରେ ଆଦିତ୍ୟ ରୟକପୁରଙ୍କ ଅପୋଜିଟ୍‌ରେ ଅଛନ୍ତି ତାରା। ଅପରପକ୍ଷରେ ଏଥିରେ ଜନ୍‌ଙ୍କ ନାୟିକା ସାଜିଛନ୍ତି ଦିଶା ପଟାନି। 'ଏକ ଭିଲେନ୍-୨' ଆସନ୍ତାବର୍ଷ ଜାନୁୟାରୀ ୮ରେ ରିଲିଜ ହେବାର ଯୋଜନା ରହିଛି।

# କାରଣ ଖୋଜୁଛନ୍ତି ସୈୟାମି

ଇତିମଧ୍ୟରେ ଚାରି ବର୍ଷ ବିତିଗଲାଣି। ହେଲେ କୌଣସି ପ୍ରଯୋଜକ ତାଙ୍କୁ ଆଡ ଆଖିରେ ଅନାଇଲେ ନାହିଁ। ଗତବର୍ଷ ଅନୁରାଗ କାଶ୍ୟପ ଏକ ଅନ୍‌ଟାଇଟଲଡ୍ ଫିଲ୍ମରେ ଆକ୍ଟିଂ କରିବାକୁ ତାଙ୍କୁ ସାଇନ୍ କରାଇଥିଲେ, ହେଲେ ଫିଲ୍ମଟି ଏ ପର୍ଯ୍ୟନ୍ତ କୋଲ୍ଡ ରୁମ୍‌ରେ ପଡିରହିଛି। ମନରେ ଆଶା ଅନେକ, ହେଲେ କ'ଣ ହେବ ଭାଗ୍ୟ ସାଥ୍ ଦେଉନି ବୋଲି କହିଲେ ଆଦୌ ଭୁଲ ହେବ ନାହିଁ। ତେଣୁ ଏହାର କାରଣ ଖୋଜୁଛନ୍ତି ସେ। ଏହି ଅଭିନେତ୍ରୀ ଜଣକ ହେଲେ ସୈୟାମି ଖେର୍। ୨୦୧୬ରେ ସେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ହେଲେ ଚାରିବର୍ଷ ଭିତରେ ସେ ମାତ୍ର ଗୋଟିଏ ସିନେମାରେ ଅଭିନୟ କରିଛନ୍ତି। ଅନିଲ କପୁରଙ୍କ ପୁତ୍ର ହର୍ଷବର୍ଦ୍ଧନ କପୁରଙ୍କ ଡେବ୍ୟୁ ଫିଲ୍ମ 'ମିର୍ଯ୍ୟା'ରେ ତାଙ୍କୁ ଫିମେଲ୍ ଲିଡ୍‌ରେ ବ୍ରେକ୍ ମିଳିଥିଲା। ହେଲେ ଚିତ୍ରଟି ଫ୍ଲପ୍ ହୋଇଥିଲା। ବାସ୍, ତା'ପରେ ବଲିଉଡ୍‌କୁ ନେଇ ସେ ଯେଉଁ ଆଶା କରିଥିଲେ ତାହା ଆଶାରେ ହିଁ ରହିଯାଇଛି। ଏ ବିଷୟରେ ସୈୟାମି କହନ୍ତି, 'ମୋର ଆକ୍ଟିଂ କ୍ୟାରିୟର ଆରମ୍ଭ ହୋଇଥିଲା ତେଲୁଗୁ ଫିଲ୍ମ 'ଅମୃତା'ରୁ। ହେଲେ ମୋ କ୍ୟାରିୟରକୁ ନେଇ ଯେଉଁ ସ୍ୱପ୍ନ ଦେଖିଥିଲି ତାହା କେବେ ସତ ହେବ ଜାଣିପାରୁନାହିଁ। ଅବଶ୍ୟ ଯା ଭିତରେ ମୋତେ ୨-୩ଟି ଅଫର ମିଳିଥିଲା, ହେଲେ ସେହି ଫିଲ୍ମଗୁଡିକର କାହାଣୀ ମୋର ପସନ୍ଦ ହେଲା ନାହିଁ, ତେଣୁ ମନାକରି ଦେଇଥିଲି।' ତେବେ ସୈୟାମିଙ୍କ ଆକ୍ଟିଂ କ୍ୟାରିୟର ଆଗକୁ କି ମୋଡ ନେଉଛି ତାହା ଦେଖିବାକୁ ବାକି ରହିଲା।



ତାରା



ଟାଇଗର



ସୈୟାମି

# ଓଜନ ପାଇଁ ଟେନସନ



କ୍ରିତି

କ୍ରିତି ସାନନ୍ ଏବେ ଏକ କଥାକୁ ନେଇ ଟେନସନ୍‌ରେ ଅଛନ୍ତି। କେମିତି ସୀମିତ ସମୟ ମଧ୍ୟରେ ଓଜନ ବଢ଼ାଇବେ। କଥା କ'ଣ କି ନିକଟରେ ସେ ଏକ ରିମେକ ଫିଲ୍ମ ସାଇନ୍ କରିଛନ୍ତି। ଚଳଚ୍ଚିତ୍ର ହେଲା 'ମିମି'। ମରାଠୀ ଚଳଚ୍ଚିତ୍ର 'ମାଲା ଆୟି ଭାୟଚେ'ର ଏହା ହେଉଛି ରିମେକ୍ ଫିଲ୍ମ। ଏଥିରେ ତାଙ୍କୁ ସରୋଗେଟ୍ ମଦର ଭୂମିକାରେ ଦେଖିବାକୁ ମିଳିବ। ସେଥିପାଇଁ ତାଙ୍କୁ ୧୫ କିଗ୍ରା ଓଜନ ବଢ଼ାଇବାକୁ ପଡିବ। ବାସ୍, ନିର୍ଦ୍ଦେଶକ ଲକ୍ଷ୍ମଣ ଉତେକରଙ୍କ ନିକଟରୁ ଏପରି ସୂଚନା ପାଇବା ପରେ ନିଜର ୱେଟ୍ ଗେନିଂ ମିଶନରେ ସେ ଲାଗିପଡିଛନ୍ତି। ଏ ନେଇ କ୍ରିତି କହନ୍ତି, 'ଏହି ଫିଲ୍ମରେ ଯେଉଁ ଭୂମିକା ମିଳିଛି, ତାହା ମୋତେ ନିଶ୍ଚୟ ମାଇଲେଜ ଦେବ। ହେଲେ ସେଥିପାଇଁ ଓଜନ ବଢ଼ାଇବାକୁ ପଡିବ। ସେଥିପାଇଁ କିଛି ସ୍ପେଶାଲ ଖାଦ୍ୟ ଖାଉଛି। ତା'ସହ ମୋ ଫିଜିଓଙ୍କ ଟିପ୍ସ ମୁତାବକ ଏକ୍ସରସାଇଜ କରୁଛି।' କ୍ରିତିଙ୍କ ଅଭିନୀତ ଶେଷ ଫିଲ୍ମ ଥିଲା 'ପାନିପଥ'। ୧୦୦କୋଟି ବ୍ୟୟରେ ନିର୍ମିତ ଏହି ଫିଲ୍ମଟି ମାତ୍ର ୪୯କୋଟି ବିଜ୍‌ନେସ କରିଥିଲା।

# ଆଉ ଜଣେ ଡିସ୍କୋ ଡ୍ୟାନ୍ସର

ଥରେ ମନେପକାନ୍ତୁ ନା 'ଡିସ୍କୋ ଡ୍ୟାନ୍ସର'ର ଟାଇଟଲ ଗୀତ 'ଆଇ ଆମ୍ ଏ ଡିସ୍କୋ ଡ୍ୟାନ୍ସର'କୁ। ବାପି ଲାହିରୀଙ୍କ ସ୍ୱର ସଂଯୋଜନା ଏବଂ କଣ୍ଠସ୍ୱର ସହ ମିଥୁନ ଚକ୍ରବର୍ତ୍ତୀଙ୍କ ଡ୍ୟାନ୍ସ ଏହି ଗୀତକୁ କେତେ ସୁପରହିଟ୍ କରିଥିଲା ତାହା କହିବା ବାହୁଲ୍ୟ। ଏବେ ପୁଣି ଥରେ ସେହି ଗୀତକୁ ନେଇ ଚର୍ଚ୍ଚା। ଆଉ ସେପରି ଆଲୋଚନାର ଖୋରାକ ଯୋଗାଇଛନ୍ତି ବଲିଉଡ୍‌ର ୟଙ୍ଗ ସେନସେସନ ଟାଇଗର ଶ୍ରଫ। କଥା କ'ଣ କି ନିକଟରେ ସୋସିଆଲ ମିଡିଆରେ ଟାଇଗର ଏକ ମ୍ୟୁଜିକ ଭିଡିଓ ଅପଲୋଡ୍ କରିଛନ୍ତି ଯାହା ବେଶ୍ ଭାଇରାଲ ହେବାରେ ଲାଗିଛି। 'ଡିସ୍କୋ ଡ୍ୟାନ୍ସର'ର ଟାଇଟଲ ଗୀତରେ ତାଙ୍କର ଡ୍ୟାନ୍ସକୁ ବେଶ୍ ପ୍ରଶଂସା କରାଯାଉଛି। କେବଳ ଜଣେ ଆକ୍ସନ ଷ୍ଟାର ନୁହନ୍ତି ଡ୍ୟାନ୍ସରେ ତାଙ୍କର କେତେ ଦକ୍ଷତା ରହିଛି ତାହା ସେ ପୁଣି ଥରେ ପ୍ରମାଣ କରି ଦେଖାଇଛନ୍ତି। ସୂଚନାଯୋଗ୍ୟ ଟାଇଗରଙ୍କ 'ବାଗୀ-୩' ନିକଟରେ ରିଲିଜ ହୋଇଛି।

### ପ୍ରଥମ ରୋଜଗାର

# ପ୍ରଥମ ପାରିଶ୍ରମିକ ଟଙ୍କା ଠାକୁରଙ୍କ ପାଖେ ରଖିଥିଲି



ଚିତ୍ରଶିଳ୍ପୀ ତଥା ଲେଖିକା **ସ୍ନିଗ୍ଧା ସାହୁ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**କ**ଟକର ପାରେଶ୍ୱର ସାହିରେ ମୋର ଜନ୍ମ। ଯୋବ୍ରା ଉଚ୍ଚବିଦ୍ୟାଳୟରୁ ୧୯୮୭ରେ ମାଟ୍ରିକ୍ ପାସ୍ କରିବା ପରେ ରେଭେନ୍ସା କଲେଜରେ ଯୁକ୍ତ ଦୁଇ ଓ ଯୁକ୍ତ ତିନି (ଇଂଲିଶ ଅନର୍ସ) ପଢ଼ିଥିଲି। ପାଠପଢ଼ା ସହିତ ପଟ୍ଟଚିତ୍ର, ମଡର୍ନ ଆର୍ଟ, ମଟ୍‌କା ପେଣ୍ଟିଂ, ଗ୍ଲାସ୍ ପେଣ୍ଟିଂ, ଟ୍ରାଇବାଲ୍ ପେଣ୍ଟିଂ ଇତ୍ୟାଦି ବି ଶିଖିଥିଲି। କବିତା ମଧ୍ୟ ଲେଖୁଥିଲି। କବିତା ଲେଖିବା ଆଉ ପେଣ୍ଟିଂ କରିବାରେ ମୋର ସବୁଠୁ ବଡ଼ ଆଦର୍ଶ ହେଲେ ମୋ ବଡ଼ଭାଇ ଚିତ୍ତରଞ୍ଜନ ସାହୁ। ମୋ ବାପା ବୃନ୍ଦାବନ ସାହୁ ବି ଜଣାଣ ଲେଖୁଥିଲେ। ସ୍କୁଲ୍‌ବେଳେ ଛୋଟ ଛୋଟ କବିତା ଲେଖୁଥିଲି। ହେଲେ କଲେଜରେ ଇଂଲିଶ ଭାଷାରେ କବିତା ଲେଖିବା ଆରମ୍ଭ କଲି। ଇଚ୍ଛା ଥିଲା କଳା କ୍ଷେତ୍ରରେ କ୍ୟାରିୟର୍ କରିବାକୁ। ହେଲେ ହଠାତ୍ ମୋ ବାହାଘର ଠିକ୍ ହୋଇଗଲା। ଶାଶୁଘର ଜଗତ୍‌ସିଂହପୁରରେ ହୋଇଥିଲେ ହେଁ ସ୍ୱାମୀ ଯେହେତୁ ତାଳଚେର ଏନ୍‌ଟିପିସିରେ କାମ କରୁଥିଲେ, ତେଣୁ ମୋତେ ଯାଇ ସେଠି ରହିବାକୁ ପଡ଼ିଲା। ସେଠାରେ ଏନ୍‌ଟିପିସିର ଏକ ଲେଡିଜ୍ କ୍ଲବ ଥିଲା। ସ୍ୱାମୀଙ୍କ ପ୍ରେରଣାରେ ମୁଁ ସେ କ୍ଲବ୍‌ର ଜଣେ ସଦସ୍ୟା ହେଲି। କ୍ଲବର ପରିବେଶ ହିଁ ପୁଣିଥରେ ମୋତେ ମୋର କଳାକୁ ବିକଶିତ କରିବାର ସୁଯୋଗ ଦେଲା। ଥରେ ମୁଁ ରାଧାକୃଷ୍ଣଙ୍କର ରାସଲୀଳାକୁ ନେଇ ପଟ୍ଟଚିତ୍ରଟିଏ ଆଙ୍କିଥାଏ। ଏହାକୁ ଉକ୍ତ କ୍ଲବର ଜଣେ ସଦସ୍ୟା କିଣିବା ପାଇଁ ଇଚ୍ଛା କଲେ ଆଉ ମୋତେ ତା'ର ଦାମ୍ ପଚାରିଲେ। ମୁଁ ତାଙ୍କୁ ସେମିତି ଦେବା ପାଇଁ ଚାହିଁବାରୁ ସେ ମନାକଲେ ଏବଂ କହିଲେ: ତମେ ଏତେ ପରିଶ୍ରମ କରି ଚିତ୍ରଟି ଆଙ୍କିଛ, ବିନା ପାରିଶ୍ରମିକରେ ମୁଁ ତାକୁ କେମିତି ନେବି। କ'ଣ କରିବି, ଆଗରୁ କାହାକୁ ତ ଏମିତି ବିକିନି। ତା'ଛଡ଼ା ଉକ୍ତ ଚିତ୍ରଟିର ଦାମ୍ କେତେ ହେବ ସେ ଧାରଣା ବି ମୋର ନ ଥିଲା। ତେଣୁ ମୁଁ ମୋ ପଟ୍ଟଚିତ୍ର ଗୁରୁଙ୍କୁ ପଚାରିଲି। ସେ କହିଲେ ୨୦୦୦ଟଙ୍କା ପାଖାପାଖି ହେବ। ହେଲେ ଏତେ ଟଙ୍କା କହିବାଟା ମୋତେ ଠିକ୍ ଲାଗିଲାନି। ମୁଁ ତାଙ୍କୁ ୭୦୦ ଟଙ୍କା କହିଲି। ଆଉ ସେ ବି ଖୁସିରେ ଟଙ୍କାଟିକୁ ମୋ ହାତରେ ଧରାଇ ଦେଇ ଚିତ୍ରଟିକୁ ନେଇ ଚାଲିଗଲେ। ଟଙ୍କାଟିକୁ ନେଇ ଠାକୁରଙ୍କ ପାଖେ ରଖିଦେଲି। ଚିନ୍ତା କଲି ମୋ ଭିତରେ ଥିବା କଳାକୁ ଆହୁରି ମାର୍ଜିତ କରି ନିଜର ଏକ ପରିଚୟ ସୃଷ୍ଟି କରିବି। ଏଥିରେ ମୋ ସ୍ୱାମୀ ଇଂ.ଶ୍ୟାମସୁନ୍ଦର ବେହେରାଙ୍କର ବି ସହଯୋଗ ରହିଲା। ତା' ପରେ ମୁଁ ଆଉ ପଛକୁ ଫେରିନି। ଏପରିକି ପରୀକ୍ଷାମୂଳକ ଭାବେ ନିଜ ଶାଢ଼ିରେ ପଟ୍ଟଚିତ୍ର, ମଡର୍ନ ଆର୍ଟ ଏବଂ ଟ୍ରାଇବାଲ୍ ପେଣ୍ଟିଂ କରିକି ପିନ୍ଧିଲି। ଏହାକୁ ବି ସ୍ଥାନୀୟ ମହିଳାମାନେ ପସନ୍ଦ କଲେ। ଘରେ ଏସବୁ କାମ କରିବା ସହ ଏନ୍‌ଟିପିସି ଲେଡିଜ୍ କ୍ଲବରେ ଥିବା ବାଲ୍ ଭବନ ଏବଂ ୱେଲ୍‌ଫେୟାର୍ ସେକ୍‌ଶନ କଥା ବି ବୁଝୁଥିଲି ଆଉ ଏବେ ବି ବୁଝୁଛି। ଏପରିକି ବାଲ୍ ଭବନ ସେକ୍‌ଶନରେ ଏବେ ମୁଁ ସେକ୍ରେଟାରୀ ଭାବରେ କାମ କରୁଛି। ଏଥିରେ ପିଲାମାନଙ୍କୁ ବିଭିନ୍ନ ପ୍ରକାରର କୋ-କରିକୁଲାର୍ ଆକ୍ଟିଭିଟିଜ୍‌ମାନ ମାଗଣାରେ ଶିଖା ଯିବାର ବ୍ୟବସ୍ଥା ରହିଛି। ଆଉ ଏବେ ୱେଲ୍‌ଫେୟାର୍ ସେକ୍‌ଶନ ତରଫରୁ ଆମେ କେତେଜଣ ମହିଳା ବିଭିନ୍ନ ବୃଦ୍ଧାଶ୍ରମକୁ ଯାଇ ସେମାନେ ତିଆରି କରୁଥିବା ଭିନ୍ନ ଭିନ୍ନ ହସ୍ତଶିଳ୍ପ ସାମଗ୍ରୀକୁ ସେମାନଙ୍କଠୁ କିଣି ଆଣି ତା'କୁ ଆଉ ଟିକେ ଡେକୋରେଟ୍ କରି ମାର୍କେଟ୍‌ରେ ବିକ୍ରି କରିବାର ବ୍ୟବସ୍ଥା କରୁଛୁ। ମାର୍କେଟ୍‌ରେ ତାହା ବିକ୍ରି ହେଲାପରେ ଯାହା ଲାଭ ଆସୁଛି ତାକୁ ପୁଣି ନେଇ ସେହି ବୃଦ୍ଧାଶ୍ରମରେ ଥିବା ଅନ୍ତେବାସୀଙ୍କ ମଧ୍ୟରେ ବାଣ୍ଟି ଦେଉଛୁ। ଏହାଦ୍ୱାରା ସେମାନେ ବି ଖୁସି ହେଉଛନ୍ତି ଆଉ ଆମକୁ ମଧ୍ୟ ସମାଜସେବା କରିବାର ସୁଯୋଗ ମିଳି ଯାଉଛି। ଏସବୁ ବ୍ୟତୀତ ବିଭିନ୍ନ ଅନୁଷ୍ଠାନର ସାଂସ୍କୃତିକ କାର୍ଯ୍ୟକ୍ରମରେ ଆଙ୍କରିଂ କରିବା ସହ ଲେଖାଲେଖିର ଧାରା ବି ମୋର ଚାଲୁ ରହିଛି। ଯା'ଭିତରେ ମୁଁ ପ୍ରାୟ ୩୦୦ଟି କବିତା ଓ ୨୫ଟି ଗପ ଲେଖିସାରିଲିଣି। ତନ୍ମଧ୍ୟରୁ ଅନେକ ଲେଖା ଏନ୍‌ଟିପିସି ତରଫରୁ ପ୍ରକାଶ ପାଉଥିବା ମାସିକ ପତ୍ରିକା 'ଉତ୍କଳିକା' ତଥା ଅନ୍ୟାନ୍ୟ ଖବରକାଗଜ ଓ ମାଗାଜିନ୍‌ରେ ପ୍ରକାଶ ପାଇସାରିଲାଣି। ମୋ ଲେଖାଗୁଡ଼ିକ ଖାସ୍‌କରି ପ୍ରକୃତି, ପରିବେଶ ତଥା ଦୈନନ୍ଦିନ ଜୀବନରେ ଘଟୁଥିବା ଘଟଣାବଳୀ ଉପରେ ପର୍ଯ୍ୟବସିତ ହୋଇଥାଏ। ଭଗବାନଙ୍କ କୃପାରୁ ଆଜିଯାଏ ସବୁକିଛି ଠିକ୍‌ଠାକ୍ ଚାଲିଛି ଆଉ ତାଙ୍କ ଆଶୀର୍ବାଦ ଥିଲେ ଭବିଷ୍ୟତରେ ଏକ କଳା ଅନୁଷ୍ଠାନ କରିବାର ଯେଉଁ ଯୋଜନା ମୁଁ କରିଛି ତାହା ନିଶ୍ଚୟ ସଫଳ ହୋଇପାରିବ।

*-ଅନ୍ୱିତା*

# ପାହିଲା ରାତି ଅଧୁରା ଆଶା, ତଥାପି ଖସୁନି ପ୍ରେମର ନିଶା

### ସାଥୀ




**ପ୍ରଶ୍ନ**-କିଏ ସେ ସୁନ୍ଦରୀ ଯିଏ ମୋ ସ୍ୱପ୍ନରେ ଆସୁଛି। ତା' ବିଷୟରେ ଭାବି ଭାବି ରାତି ପାହିଯାଉଛି ହେଲେ, ଏଯାଏ ତାକୁ ମୁଁ ପାଇପାରିଲି ନାହିଁ। ଏବେ କ'ଣ କରିବି?

*-ସୁକାନ୍ତ ବାରିକ, ପାରାଦୀପ, ଜଗତ୍‌ସିଂହପୁର*

**ଉତ୍ତର:** ସୁନ୍ଦରୀ ସ୍ୱପ୍ନରେ ଆସୁଛି, ଆଉ ସେପରି ସୁନେଲି ସ୍ୱପ୍ନକୁ ନେଇ ଆପଣ ବିଭୋର। ଏପଟେ ଆପଣ ସେହି ରୂପସୀକୁ ଖୋଜି ବୁଲୁଛନ୍ତି। ଏଣେ ତା' କଥା ଭାବି ଭାବି ରାତି ପାହିଯାଉଛି। ଯଦି ମିଳିଯାଏ, ତେବେ ତାକୁ ମନର ସାଥୀ କରି ରଖିବେ-ଏଇଆ ତ? 'ପାହିଲା ରାତି ଅଧୁରା ଆଶା, ତଥାପି ଖସୁନି ପ୍ରେମର ନିଶା।' ପ୍ରେମ ଏପରି ଏକ ନିଶା, ଯାହା ଥରେ ଘାରିଲେ ସହଜରେ ଖସି ନ ଥାଏ। ତଥାପି ମନଲାଖି ପ୍ରେମିକାଟିଏ ଖୋଜିବାକୁ ବାହାରିଛନ୍ତି। ଯଦି ସେପଟୁ କିଛି ଗ୍ରୀନ୍ ସିଗ୍‌ନାଲ ମିଳିଲା ତେବେ ବିଳମ୍ବ ନ କରି ବହି ଫିଟ୍ କରିଦିଅନ୍ତୁ। ନ ହେଲେ ଆପଣଙ୍କ ପ୍ରେମ ଏମିତି ଭାବନାରେ ରହିଯିବ।

**ପ୍ରଶ୍ନ**-ଥରେ ଜଣେ ସୁନ୍ଦରୀ ଝିଅ ମୋତେ ଦେଖି ହସିଦେଲା। ଯେତେବେଳେ ଦେଖା ହୁଏ ସେ ମୋ ସହ ହସି ହସି କଥା ହୁଏ। ଏବେ ମୁଁ ତା' ପ୍ରେମରେ ପଡ଼ିଯାଇଛି। ହେଲେ ସେ ମୋତେ ବାସ୍ତବରେ ଭଲପାଏ କି ନା କେମିତି ଜାଣିବି?

*-ସୁମନ୍ତ ସାହୁ, ରାଉରକେଲା*

**ଉତ୍ତର:** ସୁନ୍ଦରୀ ହସ ନିକଟରେ ଆପଣଙ୍କ ମନ ବନ୍ଧା ପଡ଼ିଯାଇଛି। ଦେଖୁନାହାନ୍ତି ତା' ହସରେ ପାଗଳ ହୋଇ ଆପଣ କେମିତି ତାକୁ ପ୍ରେମ କରିବସିଛନ୍ତି। ହେଲେ ସେ ଆପଣଙ୍କୁ ଭଲପାଏ କି ନା ତାହା ଜାଣିନାହାନ୍ତି। ହେଲେ ଏ କଥା ନ ଜାଣି ତାକୁ ପ୍ରେମିକା ଭାବେ ଗ୍ରହଣ କରି ଆଗେଇବା କେତେଦୂର ଠିକ୍ ତାହା ଟିକେ ଥଣ୍ଡା ମିଜାସରେ ଚିନ୍ତା କରନ୍ତୁ। ଯଦି ଏ ନେଇ କ୍ଲିୟର ହେବାକୁ ଚାହୁଁଛନ୍ତି, ତେବେ ସାହସ କରି ବେଳକାଳ ଦେଖି ତାକୁ ମନର କଥା କହିଦିଅନ୍ତୁ ନା! ଡେରି କଲେ ହୁଏତ ଚାନ୍ସ ହାତରୁ ଖସିଯାଇପାରେ। ହେଲେ ଏମିତି ଏକତରଫା ଭାବରେ ଆଗେଇଲେ ଯଦି ପ୍ରେମରେ ଫେଲ୍ୟୁର ହୋଇଯାଆନ୍ତି, ତେବେ ତାକୁ ହଜମ କରିବା ଭାରି କଷ୍ଟକର ହୋଇପଡିବ।

**ପ୍ରଶ୍ନ**-ଆଜିକାଲି ଅନେକେ ପ୍ରେମକୁ ଟଙ୍କାର ନିକିତିରେ ମାପୁଛନ୍ତି। କାହିଁକି?

*-ଦିବାକର ରଣା, ବ୍ରହ୍ମପୁର*

**ଉତ୍ତର:** ପ୍ରେମକୁ ଆଜିକାଲି ଅନେକେ ଭିନ୍ନ ଭିନ୍ନ ଦୃଷ୍ଟିରେ ଦେଖନ୍ତି। ଟଙ୍କା ନିକିତିରେ ପ୍ରେମକୁ ତଉଲୁଥିଲେ ଏହାଠାରୁ ବୋକାମି କିଛି ନାହିଁ। ପ୍ରେମ ସବୁବେଳେ ଶାଶ୍ୱତ, ନିର୍ମଳ। ପ୍ରେମକୁ ଆଧାରକରି ଟଙ୍କା ନିଶାରେ ବାୟା ହେଲେ କେତେବେଳେ ବାଟବଣା ହୋଇଯିବେ, ତାହା ନିଜେ ଜାଣିପାରିବେ ନାହିଁ। ତେଣିକି ଯିଏ ଯେମିତି କର୍ମ କରିବ ସେହି ଅନୁସାରେ ଫଳ ପାଇବ।

**ପ୍ରଶ୍ନ**-ଝିଅମାନେ ପ୍ରେମ ଜାଲରେ ସହଜରେ ଧରା ଦେଇ ନ ଥାନ୍ତି। କାହିଁକି?

*-ବିନୟ ଦାସ, ବାରିପଦା*

**ଉତ୍ତର:** ଅଶା ତ ଅସୁମାରୀ। ଜଣେ ଝିଅକୁ ପ୍ରେମ ଜାଲରେ ଫସାଇବା ହୁଏତ ବେଳେବେଳେ ସହଜ ହୋଇଯାଇଥାଏ, ହେଲେ ସବୁବେଳେ ଏପରି ପଲିସି ସକ୍‌ସେସ୍ ହୋଇ ନ ଥାଏ। କାରଣ ପାଣିପାଗ ଦେଖି ସେମାନଙ୍କ ମାନସିକତାରେ ମଧ୍ୟ ପରିବର୍ତ୍ତନ ଆସିଥାଏ। ଖାଲି କହିଦେଲେ ଯେ ଜଣେ ଝିଅ ଆପଣଙ୍କୁ ପ୍ରେମ କରି ବସିବ-ଏପରି ଧାରଣା ପ୍ରଥମେ ନିଜ ମନରୁ ଦୂରେଇ ଦିଅନ୍ତୁ। ସେହି ଝିଅର ମନକୁ ପ୍ରଥମେ ଭଲଭାବେ ପଢ଼ିବାକୁ ଚେଷ୍ଟା କରନ୍ତୁ। ଯଦି ତା' ମତିଗତିରୁ ପ୍ରେମର ବାସ୍ନା ପାଇଲେ ତେବେ ଆଗାନ୍ତୁ ନ ହେଲେ ଯେତେ ପ୍ରୟାସ କଲେ ମଧ୍ୟ କେବଳ ବିଫଳତାର ସାମ୍ନା କରିବା ହିଁ ସାର ହେବ।

# ନାଟକ ମଣିଷ



ସେ ଜଣେ ସାଧାରଣ ମଣିଷ ମାତ୍ର ,ଅସାଧାରଣ ପ୍ରତିଭାର ଅଧିକାରୀ । ସର୍ବଦା ତାଙ୍କ ମନପ୍ରାଣରେ ନାଟ୍ୟଚେତନାର ସ୍ୱର। ଏକାଧାରରେ ଜଣେ କବି, ଗୀତିକାର, ପ୍ରାବନ୍ଧିକ, ନାଟ୍ୟକାର ଓ ନାଟ୍ୟ ନିର୍ଦ୍ଦେଶକ। ଦୀର୍ଘ ଓ କ୍ଷୁଦ୍ରନାଟକ ରଚନାଠାରୁ ମଞ୍ଚପ୍ରସ୍ତୁତି ,ପରିଚାଳନା, କମ୍ପ୍ୟୁଟର ଗ୍ରାଫିକ, ପୋଷ୍ଟର ଡିଜାଇନ ଆଦି ନାଟକ ସମ୍ବନ୍ଧୀୟ ଦକ୍ଷତା ଓ ଯୋଗ୍ୟତାକୁ ହାସଲ କରିଥିବା ଜଣେ ବିରଳ ତଥା ବହୁମୁଖୀ ପ୍ରତିଭାର ନିରଳସ ସାଧକ। କଳାର ଉତ୍କର୍ଷ ପାଇଁ ଦେଶବିଦେଶରୁ ମିଳିଛି ଅନେକ ସମ୍ମାନ ଓ ସ୍ୱୀକୃତି।

**ପରିଚୟ:**ସେ ହେଲେ ସୁବୋଧ ପଟ୍ଟନାୟକ । ଜନ୍ମ ୧୯୬୪ମସିହା ଫେବୃୟାରୀ ୧ରେ। ପିତାଙ୍କ ନାମ-ପ୍ରମୋଦଚନ୍ଦ୍ର ପଟ୍ଟନାୟକ ଓ ମା' ଶଶିପ୍ରଭା ପଟ୍ଟନାୟକ । ଘର ପୁରୀ ଜିଲାର ଡେଲାଙ୍ଗ ବ୍ଲକର ଉଦୟପୁର ଗ୍ରାମରେ ।

ସେ କୁହନ୍ତି ନାଟକକୁ ପ୍ରାୟ୫ବର୍ଷଧରି ପଢିବା ପରେ ଏହାକୁ ପ୍ରୟୋଗକରି ପେଷା କରିବାକୁ ଇଚ୍ଛା କରିଥିଲି। ଏଥିପାଇଁ ସିନେମାରେ ପ୍ରବେଶ କରିଲି ମାତ୍ର ମନଭାଙ୍ଗିଗଲା। ଆଗରୁ ନାଟକ ପାଇଁ ଅଧିକ ସମୟ ଦେଇ ପାରୁନଥିଲି। ଏବେ ପୂରା ସମୟ ନାଟକ ପାଇଁ ଦେଲି। ସାଇକେଲରେ ବୁଲିବୁଲି ଉଡମାନର ନାଟକକୁ ଦର୍ଶକଙ୍କ ପାଇଁ ବିଭିନ୍ନ ସ୍ଥାନରେ ପରିବେଷଣ କରିଆସୁଛି। ନିଜସ୍ୱ ଉଦ୍ୟମରେ ନାଟ୍ୟଗ୍ରାମଟିଏ ଗଢି ତୋଳିଛି। ସେବେଠାରୁ ଆଉ କେବେ ପଛକୁ ଚାହିଁ ନାହିଁ।

**ଶିକ୍ଷା:** ମୋର ପ୍ରାଥମିକ ଶିକ୍ଷା ଆରମ୍ଭ ହୋଇଥିଲା ସୋରଡ଼ା ବୋର୍ଡ ସ୍କୁଲରେ । ପରେ କୋରାପୁଟ ବୋର୍ଡ ସ୍କୁଲ, ଲକ୍ଷ୍ମୀସାଗର ଉପ୍ରା ସ୍କୁଲ, ମ୍ୟୁନିସିପାଲିଟି ହାଇସ୍କୁଲ, ବୋଲଗଡ଼ ବାମନ ହାଇସ୍କୁଲ, ଖୋର୍ଦ୍ଧା ବିଜେବି ହାଇସ୍କୁଲ। ଏହି ସମୟରେ ୩ୟ, ୫ମ ଓ ୭ମରେ ମେଧାବୃତ୍ତି ମିଳିଥିଲା । ଉଚ୍ଚଶିକ୍ଷା ପାଇଁ ୧୯୮୦ରେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ପୁରୀ, ୧୯୮୧ରେ ବ୍ରହ୍ମପୁର ଇଞ୍ଜିନିୟରିଂ ସ୍କୁଲ। ୧୯୮୨ରୁ୧୯୮୬ ଯାଏ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଭୁବନେଶ୍ୱରରେ ନାଟକରେ ସ୍ନାତକ ଶିକ୍ଷାଲାଭ କଲି।

**ସାଧନା:**୧୯୮୬ରେ ନାଟ୍ୟଚେତନା ଆରମ୍ଭ କରିଥିଲି। ପରେ ୧୯୯୩ରେ ଖୋର୍ଦ୍ଧାର ବରୁଣେଇ ପାହାଡ଼ ପାଖ ଶିଆଳିଆ ଗ୍ରାମ ନିକଟରେ ନାଟ୍ୟଗ୍ରାମ ପ୍ରତିଷ୍ଠାକରି ତାର ସମସ୍ତ ସୁପରିଚାଳନା କରିଆସୁଛି। ଏଠାରେ ନାଟକ ଲେଖିବାଠାରୁ ନାଟକ ମଞ୍ଚସ୍ଥ ହେବାର ତାଲିମ ,ବିଭିନ୍ନ ନାଟକକୁ ନେଇ ତାର ବିନିମୟ, ପ୍ରଦର୍ଶନ , ବକ୍ତୃତା, କର୍ମଶାଳା, ଆଲୋଚନାଚକ୍ର ଆଦି ବିଷୟରେ ଗବେଷଣା ଚାଲେ । ଏକ ତ୍ରୈମାସିକ ପତ୍ରିକାଟିଏ ପ୍ରକାଶନ ହୋଇଥାଏ। ପ୍ରାୟ ୫ହଜାର ଉର୍ଦ୍ଧ୍ୱ ନାଟ୍ୟ ପୁସ୍ତକ ପାଠାଗାର ସହ ବାଦ୍ୟଯନ୍ତ୍ର ମ୍ୟୁଜିୟମ ରହିଛି।

**ସ୍ୱୀକୃତି:**୧୯୯୫ର ଆଜିଯାଏ ଅନ୍ତର୍ଜାତୀୟ ନାଟକସଂଘର ସଦସ୍ୟଅଛି। ୨୦୦୯ର୨୦୧୦ ପର୍ଯ୍ୟନ୍ତ ସମ୍ପାଦକ ଥିଲି, ପରେ ଓଡ଼ିଶା ନାଟ୍ୟସଂଘର ଉପ-ସଭାପତି। ଏସିଆ ଆଞ୍ଚଳିକ ଥିଏଟର ଓ ଶିକ୍ଷା ନେଟ୍‌ୱାର୍କର ପ୍ରତିଷ୍ଠାତା। ୨୦୧୦ରୁ୧୦୧୮ଯାଏ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟର ବିଶେଷଜ୍ଞ କମିଟିର ସଦସ୍ୟ ହୋଇପାରିଛି। ୧୯୯୨ରେ ସଙ୍ଗୀତ ନାଟକ ଏକାଡେମୀ ନୂଆଦିଲୀରୁ ଭାରତର ଯୁବ ଥିଏଟର ନିର୍ଦ୍ଦେଶକ ଭାବେ ସ୍ୱୀକୃତି ମିଳିଛି।

**ସମ୍ମାନ ଓ ପୁରସ୍କାର:**୧୯୯୩ରେ ଉତ୍କଳ ସମ୍ମାନ ଟୁ ୟଙ୍ଗ କ୍ରିଏଟିଭ ପିପୁଲ ପୁରସ୍କାର। ଜାତୀୟ ନାଟକ ବିଦ୍ୟାଳୟ ତରଫରୁ ଥିଏଟର ବିଶାରଦ। ୨୦୦୭ରେ ସଙ୍ଗୀତ ନାଟକ ଏକାଡେମୀ ନୂଆଦିଲ୍ଲୀରୁ ସ୍ୱର୍ଣ୍ଣରଙ୍ଗ ଥିଏଟରରେ ସମ୍ମାନିତ। ଉତ୍କଳ ସାହିତ୍ୟ ସମାଜ ,ପାଟଳିପୁତ୍ର, କଲିକତାରେ ବିଷ୍ଣୁ ବସୁ ଆଦି ଅନେକ ସମ୍ମାନ ଓ ସ୍ୱୀକୃତି ମିଳିଛି। ୟୁରୋପରୁ ଅନ୍ତର୍ଜାତୀୟ ପୁରସ୍କାର ମିଳିଛି।

**ନାଟ୍ୟଜ୍ଞାନ ପାଇଁ ଭ୍ରମଣ:** ଅଷ୍ଟ୍ରେଲିଆ, ଦକ୍ଷିଣକୋରିଆ,ଇଂଲଣ୍ଡ, ବ୍ରାଜିଲ, କାନାଡ଼ା, ଜାପାନ, ବେଲଜିୟମ, କେନିଆ, ଫିନ୍‌ଲାଣ୍ଡ, ନେଦରଲାଣ୍ଡ, ଫ୍ରାନ୍ସ, ଶ୍ରୀଲଙ୍କା, , ଆମେରିକା ଆଦି ଅନେକ ବିଦେଶରାଷ୍ଟ୍ରକୁ ଭ୍ରମଣ କରିବା ଅନୁଭୂତି ରହିଛି। ତେବେ ଜୀବନଶୈଳୀକୁ ନାଟକରୂପେ ପରଖୁଥିବା ସୁବୋଧ ପଟ୍ଟନାୟକ କଳାକାର ଜଗତ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି।

**-ବନବିହାରୀ ବେହେରା**

**ସୃଷ୍ଟି:** ମୋର ପ୍ରଥମ ରଚିତ ନାଟକ 'ବଣମଣିଷ' ପରେ କ୍ଷୁଦ୍ର ନାଟକଭାବେ ୨୫ଭୂତ, ପାଣି ଚାନ୍ଦା, ଶ୍ୱାସ , ହୋ ପତରବାଲା ଏବଂ ଦୀର୍ଘ ନାଟକଭାବେ ଧୂଆଁ, ମାଟି,କାଠ, ଗୀତ,ଫୁଲ , ନିଆଁ ଆଦିଅନେକ ନାଟକକୁ ଦେଶବିଦେଶରେ ମଞ୍ଚସ୍ଥ କରାଯାଇଛି। ସମାଜରେ ଅନ୍ଧବିଶ୍ୱାସ ଓ କୁସଂସ୍କାର ବିରୋଧରେ ଜନସଚେତନତା ସୃଷ୍ଟି ପାଇଁ ବିଭିନ୍ନ ନାଟକ ରଚନାକରି ମଞ୍ଚସ୍ଥ କରାଯାଇଛି। ପୁଣି ସୁପ୍ରତିଷ୍ଠିତ ସାହିତ୍ୟିକଙ୍କ କୃତିକୁ ନେଇ ନାଟକ ରଚନା ସହିତ ନିର୍ଦ୍ଦେଶନା ଦିଆଯାଇଛି। କେତେକ ଆନ୍ତର୍ଜାତିକ ନାଟକ ବିଭିନ୍ନ ଭାଷାରେ ବିଦେଶରେ ମଞ୍ଚସ୍ଥ ହୋଇଛି।

**ଅଭିନୟ:**ଟେଲିଫିଲ୍ମ ମାମୁଁ ଓ ହାକିମବାବୁ ଚଳଚ୍ଚିତ୍ରରେ ଅଭିନୟ କରିଥିଲି। କଳାତ୍ମକ ଚଳଚ୍ଚିତ୍ର 'ଶେଷ ପ୍ରତୀକ୍ଷା'ରେ ସହକାରୀ ସଂପାଦକ , ବୋହୂହେବ ଏମିତିରେ ସହକାରୀ ନିର୍ଦ୍ଦେଶକ ଏବଂ ଦିଲ୍ଲୀ ଦୂରଦର୍ଶନରୁ ପ୍ରସାରିତ 'କୁଆଁର ପୂନେଇଁ ଜହ୍ନ ଲୋ' ଚଳଚ୍ଚିତ୍ରର ପ୍ରଡ଼କ୍ସନ ଆସିଷ୍ଟାଣ୍ଟ। ଭିଡିଓ ଫିଚରଫିଲ୍ମ ସାଇରନ, ସାକ୍ଷୀ, ସନ୍ଦେହ ,ପଡ଼ୋଶୀ ,ନବାବକୁ ଜବାବର ଲେଖକ ଓ ନିର୍ଦ୍ଦେଶକ। ସାଇକୋ ଥିଏଟର, ଇଣ୍ଟିମେଟ ଥିଏଟର ଇତ୍ୟାଦି ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ କରାଯାଇଛି। ।









ସସ୍ମିତା

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରରରେ ଦେଖିବାକୁ ଚାହୁଁଛନ୍ତି
ଯୋଗାଯୋଗ: ଧରିତ୍ରୀ, 'ଛୁଟିଦିନ', ବି-୨୬ ଇଣ୍ଡଷ୍ଟ୍ରିଆଲ ଏଷ୍ଟେଟ,
ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

# ହାଃ ହାଃ

## କ'ଣ ହେବ

ଶିକ୍ଷକ- ଯଦି ଆମ ପୃଥିବୀ ସହ ଆଉ ଏକ ଗ୍ରହ ଆସି ପିଟି ହେଇଯିବ, କ'ଣ ହେବ ?

ମଣ୍ଟୁ- ଟନ୍ ଟନ୍ ଶବ୍ଦ ହେବ।

ଶିକ୍ଷକ- କ'ଣ ?

ମଣ୍ଟୁ- ହଁ, ସାର୍। ସନି ଲିଓନିର ଗୀତରେ ମୁଁ ଶୁଣିଛି- 'ୟେ ଦୁନିଆ ପିତଲ ଦି'।

## ବିବାହ

ମନୋଜ ରାଜୁକୁ- ବିବାହ କ'ଣ ?

ରାଜୁ- ଏହା ହେଉଛି ଦୁଇଟି ବିଦ୍ୟୁତ୍ ତାର।

ମନୋଜ- ମାନେ ?

ମନୋଜ- ଠିକ୍‌ରେ ଯୋଡି ହେଲେ ପ୍ରକାଶ ହିଁ ପ୍ରକାଶ। ଆଉ ଭୁଲ୍‌ରେ ଯୋଡି ହୋଇଗଲେ ଚଡ୍‌ଚଡ୍ ଭଡ୍‌ଭଡ୍।

## କାନ୍ଦ


ରାହୁଲ ପ୍ରିୟାକୁ- ଝିଅମାନେ ଶାଶୁଘରକୁ ଗଲାବେଳେ କାହିଁକି କାନ୍ଦନ୍ତି ?


ପ୍ରିୟା- ଆରେ ପାଗଳ ତତେ ଯଦି ଜଣାପଡିବ ଯେ, ତତେ ଘରୁ ଦୂର ଆଉ ଜଣଙ୍କ ଘରକୁ ନିଆଯାଇ ବାସନ ମଜା, ଘର ପୋଛା କାମରେ ଲଗାଯିବ ତୁ କ'ଣ ଖୁସିରେ ନାଚିବୁ।

# ବନ୍ଦର ସହର ଥୁଥୁକୁଡ଼ି

**ଥୁଥୁକୁଡ଼ି, ଯାହା ତୁତିକୋରିନ ନାଁରେ ପ୍ରସିଦ୍ଧ। ଏହା ତାମିଲନାଡୁର ଥୁଥୁକୁଡ଼ି ଜିଲା ଅନ୍ତର୍ଗତ ଏକ ବନ୍ଦର ସହର ଭାବେ ଜଣାଶୁଣା। ଏହି ସହର ମୋତି ସଂଗ୍ରହ କ୍ଷେତ୍ରରେ ବେଶ୍ ପ୍ରସିଦ୍ଧି ଲାଭ କରିପାରିଛି। ସେଥିପାଇଁ କେହି କେହି ଏହାକୁ ମୋତିର ସହର ବୋଲି ବି କହିଥାନ୍ତି...**







ତାମିଲନାଡୁର ଥୁଥୁକୁଡ଼ି ଜିଲା ଅନ୍ତର୍ଗତ ଏକ ବନ୍ଦର ସହର ହେଉଛି ଥୁଥୁକୁଡ଼ି। ଏହା ଚେନ୍ନାଇଠାରୁ ପ୍ରାୟ ୫୯୦ କି.ମି ଏବଂ ଥିରୁଭାନନ୍ଥପୁରମ୍‌ଠାରୁ ପ୍ରାୟ ୧୯୦ କି.ମି ଏବଂ ବେଙ୍ଗାଲୁରୁଠାରୁ ପ୍ରାୟ ୫୮୦ କି.ମି ଦୂରରେ ଅବସ୍ଥିତ। ବନ୍ଦର ସହର ହୋଇଥିବାରୁ ଏଠାକାର ଆକର୍ଷଣୀୟ ପ୍ରାକୃତିକ ଦୃଶ୍ୟ ପର୍ଯ୍ୟଟକଙ୍କୁ ଖୁବ୍ ଆକୃଷ୍ଟ କରିଥାଏ। ଖାସ୍‌କରି ପର୍ଯ୍ୟଟନ, ଲୁଣମରା, ସମୁଦ୍ରଜନିତ ବ୍ୟାପାର ଏବଂ ମାଛମରା ଉପରେ ଏଠାକାର ଅର୍ଥନୀତି ନିର୍ଭରଶୀଳ। ସେହିପରି ଏଠାରେ ସମୁଦ୍ରରୁ ମୋତି ସଂଗ୍ରହ କରିବାର କାମ ବି ଖୁବ୍ କରାଯାଇଥାଏ। ସେଥିପାଇଁ ଏଠାକାର ମୋତିର ଚାହିଦା ଦେଶ ବିଦେଶରେ ବେଶ୍ ରହିଥାଏ। ଏହାଛଡ଼ା ଜାହାଜ ତିଆରି କ୍ଷେତ୍ରରେ ବି ଏହି ସହରର ବେଶ୍ ନାଁ ରହିଛି। ବୁଲିବା ସହ ଅନେକ କିଛି ଜାଣିବା ତଥା ଶିଖିବାର ସୁଯୋଗ ଏଠାରେ ମିଳୁଥିବାରୁ ପର୍ଯ୍ୟଟକ ଥୁଥୁକୁଡ଼ିକୁ ଆସିବା ପାଇଁ ବେଶ୍ ପସନ୍ଦ କରିଥାନ୍ତି।

## କେବେ ଓ କେମିତି ଯିବେ

ଏହି ସହର ସହ ଦେଶର ଅନ୍ୟ ସହରଗୁଡ଼ିକର ବି ସିଧାସଳଖ ଯୋଗାଯୋଗ ରହିଛି। ଯେଉଁଥିପାଇଁ ଏଠାକୁ ଯିବାଆସିବାରେ ସେମିତି କିଛି ଅସୁବିଧା ଦେଖାଯାଏନାହିଁ। ଥୁଥୁକୁଡ଼ି ରେଲ୍‌ୱେ ଷ୍ଟେଶନ ହେଉଛି ଏଠାକାର ଏକ ପ୍ରସିଦ୍ଧ ରେଲଷ୍ଟେଶନ। ଏହାକୁ କେହି କେହି ତୁତିକୋରିନ୍ ରେଲୱେ ଷ୍ଟେଶନ ବି କହିଥାନ୍ତି। ସେହିପରି ଥୁଥୁକୁଡ଼ି ଏୟାରପୋର୍ଟ ବା ତୁତିକୋରିନ୍ ଏୟାର୍‌ପୋର୍ଟ ହେଉଛି ଏଠାକାର ନିକଟତମ ବିମାନବନ୍ଦର। ତା'ଛଡ଼ା ଦେଶର ବିଭିନ୍ନ ସ୍ଥାନରୁ ଏଠାକୁ ଟୁରିଷ୍ଟ ବସ୍‌ର ବି ସୁବିଧା ରହିଛି। ତେଣୁ ପର୍ଯ୍ୟଟକଙ୍କୁ ଯେଉଁଥିରେ ସୁବିଧା ସେଥିରେ ଆରାମରେ ଯାଇ ଏଠାରେ ପହଞ୍ଚିପାରିବେ। ତେବେ ଏଠାକୁ ବୁଲିଯିବା ପାଇଁ ସେମିତି କିଛି ଖାସ୍ ସମୟର ଆବଶ୍ୟକତା ନାହିଁ। ବର୍ଷର ଯେ କୌଣସି ସମୟରେ ଚାହିଁବେ ଏଠାକୁ ଭ୍ରମଣରେ ଯାଇପାରିବେ।

## କ'ଣ ଦେଖିବେ

ପରିବେଶପ୍ରେମୀଙ୍କ ପାଇଁ ଥୁଥୁକୁଡ଼ି ଏକ ଆଦର୍ଶ ପର୍ଯ୍ୟଟନସ୍ଥଳୀ। କାରଣ ଏଠାକାର ତଟବର୍ତ୍ତୀ ଅଞ୍ଚଳ ବେଶ୍ ଆକର୍ଷଣୀୟ। ସେହିପରି ଏଠାରେ ଅନେକ ଉଦ୍ୟାନ ବି ରହିଛି। ଯେମିତି କି ହାର୍ବୋର ଉଦ୍ୟାନ, ରାଜାଜୀ ଉଦ୍ୟାନ, ରୋଚେ ଉଦ୍ୟାନ ଇତ୍ୟାଦି ଅନ୍ୟତମ। ତା'ଛଡ଼ା ଏହି ବନ୍ଦର ସହର ନିକଟବର୍ତ୍ତୀ ଅଞ୍ଚଳରେ ଅନେକ ଛୋଟବଡ଼ ଦ୍ୱୀପ ବି ଦେଖିବାକୁ ମିଳିଥାଏ, ଯେଉଁଠାରେ ପର୍ଯ୍ୟଟକଙ୍କ ଆମୋଦପ୍ରମୋଦ ପାଇଁ ଅନେକ ଦୁଃସାହସିକ କ୍ରୀଡ଼ାର ସୁବିଧା ରହିଛି। ଯେମିତି କି ଜେଟ୍ ସ୍କିଂ, ୱାଟର୍ ସ୍କୁଟର୍, ୱିଣ୍ଡ ସର୍ଫିଙ୍ଗ୍, ପେଡାଲ୍ ସର୍ଫିଙ୍ଗ୍, ବମ୍ପ ରାଇଡ୍ସ, ବାନାନା ବୋଟ୍ ରାଇଡ୍ସ, ଫିଶିଂ, ସ୍ନୋର୍କେଲିଂ ତଥା ସ୍କୁବା ଡାଇଭିଂ ଇତ୍ୟାଦି ଅନ୍ୟତମ। ଭ୍ରମଣ ସହ ଏସବୁ କ୍ରୀଡ଼ାର ମଜା ନେବା ପାଇଁ ପର୍ଯ୍ୟଟକଙ୍କର ବେଶ୍ ଭିଡ଼ ଜମିଥାଏ ଏଠାରେ। ଏସବୁ ବ୍ୟତୀତ ପର୍ଯ୍ୟଟକ ଚାହିଁଲେ ସ୍ଥାନୀୟ ବନ୍ଦର ଏବଂ ଥୁଥୁକୁଡ଼ି ଥର୍ମାଲ୍ ପାୱାର ଷ୍ଟେଶନ ଆଡ଼େ ବୁଲିଯାଇ କିଛି ନିଆରା ଅନୁଭୂତି ବି ପାଇପାରିବେ।



# କଟା ଯାଇଥିବା ଦୁଇ ହାତ ପାଇଲା ନୂଆ ଜୀବନ





ପୁଣେର ୨୧ ବର୍ଷୀୟା ଶ୍ରେୟା ସିଦାନାଗୌଦର୍ ୨୦୧୬ରେ ପୁଣେରୁ କର୍ନାଟକ ଗଲାବେଳେ ଏକ ଗୁରୁତର ଦୁର୍ଘଟଣାର ଶିକାର ହୋଇଥିଲେ । ଆଉ ସେଥିରେ ତାଙ୍କର ଦୁଇ ହାତ ନଷ୍ଟ ହୋଇଗଲା । ଡାକ୍ତର ବାଧ ହେଲେ ଦୁଇ ହାତ କାଟିବା ପାଇଁ । ଏହାର ଏକ ବର୍ଷ ପରେ ସେ ଅମ୍ରିତା ଇନ୍‌ଷ୍ଟିଚ୍ୟୁଟ୍ ଯାଇଥିଲେ ଦୁଇ ହାତ ଟ୍ରାନ୍ସପ୍ଲାଣ୍ଟ କରିବା ଲାଗି । ଆଉ ସୌଭାଗ୍ୟବଶତଃ ଡାକ୍ତରଙ୍କୁ ଜଣେ ଡୋନର୍ ମିଳିଗଲେ । ଆଫଗାନିସ୍ତାନ, ବାଲାଂଦେଶ ଭଳି ଅନେକ ଦେଶର ୨୦୦ଜଣ ଆଶାୟୀ ଥିଲେ ହାତ ଟ୍ରାନ୍ସପ୍ଲାଣ୍ଟ ପାଇଁ । ହେଲେ ସେହି ଦୁଇ ହାତ ଶ୍ରେୟାଙ୍କୁ ମ୍ୟାଚ୍ କଲା । ୧୩ ଘଣ୍ଟାର ଅସ୍ତ୍ରୋପଚାର, ୨୦ ଜଣ ସର୍ଜନ ଓ ୧୬ ଜଣ ଆନେସ୍ଥେସିଆ ଟିମ୍‌କୁ ନେଇ ପ୍ରଥମଥର ପାଇଁ ଦୁଇ ହାତ ଆମ୍ପ୍ୟୁଟେଶନ୍‌ର ଅସ୍ତ୍ରୋପଚାର ହେଲା । ପ୍ରଥମେ ସେମାନେ ହାଡ ମିଶାଇଥିଲେ, ପରେ ଆର୍ଟେରିଜ୍, ଭେନ୍ ଓ ମସଲ୍ ଟେଣ୍ଡନକୁ ସଂଯୋଗ କଲେ । ଦୀର୍ଘ ସମୟର ଏହି ଅସ୍ତ୍ରୋପଚାର ଶେଷରେ ସଫଳ ହୋଇଥିଲା । ହେଲେ ହାତ ଠିକ୍‌ଭାବେ କାମ କରିବା ଲାଗି ଫିଜିଓଥେରାପି କରାଗଲା । ଅନେକ କଷ୍ଟ ପରେ ହାତ କାମ କରିବା ଆରମ୍ଭ କଲା । ତେବେ ଶ୍ରେୟାଙ୍କର ଏହି ହାତ ଜଣେ କଲେଜ ଯୁବକଙ୍କର ଥିଲା, ଯେକି ଦୁର୍ଘଟଣାର ଶିକାର ହୋଇଥିଲେ ଓ ତାଙ୍କର ବ୍ରେନ୍ ଡେଡ୍ ହୋଇଯାଇଥିଲା । ଆଶ୍ଚର୍ଯ୍ୟର କଥା ଏବେ ସେହି ହାତର ରଙ୍ଗ ବଦଳିଯାଇଛି । ଆଉ ଶ୍ରେୟାଙ୍କ ଶରୀର ସହ ତାହା ମେଳ ଖାଉଛି । ଏମିତିକି ତାହା ଆଉ ପୁରୁଷ ହାତ ପରି ବି ଦେଖାଯାଉ ନାହିଁ । ଯାହାକି ଏକ ବିରଳ ଘଟଣା । ଏବେ ଶ୍ରେୟା ପୂର୍ବପରି ଏକ ସାଧାରଣ ଜୀବନ ଅତିବାହିତ କରିପାରୁଛନ୍ତି ।






## କାର୍ଟୁନ କର୍ନର



# ପ୍ରଥମ ପସନ୍ଦ ଡ୍ୟାନ୍ସ

ଯାତ୍ରାଜଗତର ଜଣେ ଜଣାଶୁଣା ଡ୍ୟାନ୍ସର ତଥା କୋରିଓଗ୍ରାଫର ସାଗର। ସେ କେବଳ ଡ୍ୟାନ୍ସ କିମ୍ବା ଡ୍ୟାନ୍ସ କମ୍ପୋଜ୍ କରନ୍ତିନି; ଅଧିକନ୍ତୁ ଅଭିନୟ ବି କରନ୍ତି। କହିଦେଲେ ମୁଁ ମରିଯିବୁ ତୁ, ସିଆଇଡି ଦୟା ଭଳି ନାଟକରେ ତାଙ୍କର ଅଭିନୟ ବେଶ୍ ଉଚ୍ଚକୋଟୀର। ତେବେ ଅଭିନୟ ନୁହେଁ; ଡ୍ୟାନ୍ସ ତାଙ୍କର ପ୍ରଥମ ପ୍ରେମ। ଘର କେନ୍ଦ୍ରାପଡ଼ାରେ। ନା ନାଚରେ କୌଣସି ତାଲିମ ନେଇଛନ୍ତି ନା ବିଧିବଦ୍ଧ ଭାବରେ କାହାଠୁ ନାଚ ଶିଖିଛନ୍ତି। ମନକୁମନ ନାଚ ଆସିଛି ତାଙ୍କ ପାଖକୁ। ନାଚିବାର କଳାଟି ଭଗବାନ ତାଙ୍କୁ ଦେଇଛନ୍ତି ବୋଲି କହିଲେ ଆଦୌ ଭୁଲ ହେବନାହିଁ। ତାଙ୍କର ମଉସା ହେଉଛନ୍ତି ଯାତ୍ରା ପରିଚାଳକ ବଙ୍କିମ୍ ସ୍ୱାଇଁ। ସେ ହିଁ ସାଗରକୁ ନେଇଆସିଲେ ଯାତ୍ରାକୁ। ୨୦୦୨ରେ ସାଗର ଆସି ଯୋଗଦେଲେ 'ଯାତ୍ରା ତ୍ରିରଙ୍ଗା'ରେ। ଗୁରୁମାନଙ୍କଠୁ ନାଚ ଶିଖିଲେ। ଆଉ ଦିନକେଇଟା ପରେ ସେ ପାଲଟିଗଲେ ଜଣେ ଲିଡ୍ ଡ୍ୟାନ୍ସର। ଏବେ ସେ ନିଜକୁ ଆଣି ଏମିତି ଏକ ପର୍ଯ୍ୟାୟରେ ଠିଆ କରେଇଛନ୍ତି ଯେ, ଯାତ୍ରା ଆରମ୍ଭରୁ ରେକର୍ଡ ଡ୍ୟାନ୍ସ ହେଉ କି ନାଟକ ଭିତରର ସିକ୍ୱେନ୍ସ ଟ୍ରାକ୍ ସବୁଠି ଖୋଜାପଡୁଛି ତାଙ୍କୁ। ଯାତ୍ରା ତ୍ରିରଙ୍ଗା ପରେ କୋଣାର୍କ। ତା'ପରେ ଯାତ୍ରା ଇନ୍ଦ୍ରମହଲ। ଏବେ ଆସି ପହଞ୍ଚିଛନ୍ତି 'ଯାତ୍ରା ସ୍ୱପ୍ନମହଲ'ରେ। ଯାତ୍ରାରେ ସେ କେବଳ ଡ୍ୟାନ୍ସର ନୁହନ୍ତି ; ଡ୍ୟାନ୍ସ ଶିଖେଇବା ଦାୟିତ୍ୱ ବି ରହିଛି ତାଙ୍କରି ଉପରେ। ଯାତ୍ରାରେ ଅଶ୍ଳୀଳତା ବଢୁଛି। ବିଶେଷକରି ରେକର୍ଡ ଡ୍ୟାନ୍ସ ଆଳରେ ନଗ୍ନତାକୁ ପ୍ରଶ୍ରୟ ଦିଆଯାଉଛି। ଏମିତି ଏକ ପ୍ରଶ୍ନରେ ସାଗର କହନ୍ତି : ଦର୍ଶକମାନଙ୍କ ଚାହିଦା ଅନୁଯାୟୀ ଆମେ ନୃତ୍ୟ ପ୍ରସ୍ତୁତ କରୁଛୁ। ଦର୍ଶକେ ଯେମିତି ଚାହୁଁଛନ୍ତି ଆମେ ଠିକ୍ ସେହିପରି ଡ୍ୟାନ୍ସ ଆଇଟମ୍ ପ୍ରସ୍ତୁତ କରୁଛୁ। ଗୋଟିଏ ଅନୁଭୂତି ମନେପକେଇ ସାଗର କହନ୍ତି : ଆମେ ଥରେ କିଛି ଭଲଗୀତକୁ ନେଇ କୋରିଓଗ୍ରାଫି କରିଥିଲୁ। ହେଲେ ଦୁଇତିନିଟା ଷ୍ଟେଜ୍ ପରେ ବନ୍ଦ କରିଦେବାକୁ ବାଧହେଲୁ। କାରଣ ଦର୍ଶକମାନେ ସେସବୁକୁ ଗ୍ରହଣ କଲେନାହିଁ। ସାଗର କହନ୍ତି, ଦର୍ଶକ ବଦଳିଲେ ରେକର୍ଡ ଡ୍ୟାନ୍ସ ନିଶ୍ଚୟ ବଦଳିବ। ସାଗରଙ୍କ ଧର୍ମପତ୍ନୀ ଟିଙ୍କିଲି ଜଣେ ଅଭିନେତ୍ରୀ। ଉଭୟେ ଉଭୟଙ୍କ ପ୍ରେରଣା। ଯାତ୍ରାକୁ ନେଇ ତାଙ୍କର ସ୍ୱପ୍ନ କ'ଣ ବୋଲି ପଚାରିଲେ ସାଗର କହନ୍ତି : ଯାତ୍ରା ଉଭୟ ନିଶା ଓ ପେସା ପାଲଟି ଯାଇଛି। ଯାତ୍ରାକୁ ଛାଡ଼ି ଅନ୍ୟ କୌଣସି ସ୍ୱପ୍ନ ଦେଖିବା ସମ୍ଭବ ନୁହେଁ। ଯେତେଦିନ ପର୍ଯ୍ୟନ୍ତ ଦର୍ଶକ ଦେବତା ଚାହୁଁଥିବେ ସେତେଦିନ ପର୍ଯ୍ୟନ୍ତ ସେମାନଙ୍କ ସାମ୍ନାରେ ନୂଆ ନୂଆ ଡ୍ୟାନ୍ସ ଆଇଟମ୍ ପରିବେଷଣ କରୁଥିବି। ଆଉ ସେମାନଙ୍କ ମନକୁ ଆମୋଦିତ କରୁଥିବି।


ସାଗର


ଶୁଭେନ୍ଦୁ

# ନିଆରା ଖଳନାୟକ

ଓଡ଼ିଆ ଯାତ୍ରାଜଗତର ଜଣେ ନିଆରା ଖଳନାୟକ ଭାବରେ ଶୁଭେନ୍ଦୁ ଚୌଧୁରୀ ବେଶ୍ ଜଣାଶୁଣା। ତାଙ୍କର ଗେଟ୍‌ଅପ୍, ଚାହାଣି ପୁଣି ଗମ୍ଭୀର ଗଳାର ଆୱାଜ୍ ତାଙ୍କର ଖଳନାୟକୀକୁ ଏକ ସ୍ୱତନ୍ତ୍ର ଅନ୍ଦାଜ ଦେଇଛି ବୋଲି କହିଲେ ଆଦୌ ଭୁଲ୍ ହେବନି। ସେଥିପାଇଁ ଶୁଭେନ୍ଦୁ ନିଜର ଏକ ସ୍ୱତନ୍ତ୍ର ଦର୍ଶକ ଗୋଷ୍ଠୀ ତିଆରି କରିପାରିଛନ୍ତି। ଚୌଦ୍ୱାର ନିକଟସ୍ଥ କୁମାରପୁରଠାରେ ଜନ୍ମଗ୍ରହଣ କରିଥିବା ଏହି କଳାକାର ପ୍ରଥମେ ୧୯୯୩ ମସିହାରେ ଆସନ୍ତି ଯାତ୍ରାକୁ। ବୁଦ୍ଧେଶ୍ୱରୀ ଗଣନାଟ୍ୟରେ ଜଣେ ଯୁବ ଖଳ ଅଭିନେତା ଭାବେ ଯୋଗଦେଇ ସେ ତାଙ୍କର ଯାତ୍ରା ଜୀବନ ଆରମ୍ଭ କରନ୍ତି। ପିଲାଟିବେଳୁ ଯାତ୍ରା, ସିନେମା, ଥିଏଟର ଆଦି ଦେଖିବାରେ ରୁଚି ଥିଲା। ଗାଁରେ ହେଉଥିବା ଡ୍ରାମାରେ ମଧ୍ୟ ସେ ଅଭିନୟ କରି ବାହାବା ସାଉଣ୍ଟୁଥିଲେ। ତାଙ୍କର ଇଚ୍ଛା ଥିଲା ସିନେମାକୁ ଯିବା ପାଇଁ। ସେଥିଲାଗି ସେ ଖ୍ୟାତନାମା ନିର୍ଦ୍ଦେଶକ ଦିବଂଗତ ମହମ୍ମଦ ମହସିନଙ୍କ ନିକଟକୁ ଯିବାଆସିବା କରୁଥିଲେ। ମହସିନଙ୍କ ସହିତ ଶୁଭେନ୍ଦୁଙ୍କର ସମ୍ପର୍କ ଗଢ଼ି ଉଠିଥିଲା। ମହସିନଙ୍କୁ ବୁଦ୍ଧେଶ୍ୱରୀ ଗଣନାଟ୍ୟର ଏକ ନାଟକରେ ନିର୍ଦ୍ଦେଶନା ଦେବାକୁ ଡାକରା ଆସିଲା। ନାଟକଟି ଥିଲା 'ପିନ୍ଧିଲି ସିନ୍ଦୂର ଭାଙ୍ଗିଲା ଶଙ୍ଖା'। ମହସିନ ପାର୍ଟିର ପ୍ରଯୋଜକଙ୍କୁ ଶୁଭେନ୍ଦୁଙ୍କ ବିଷୟରେ କହିଲେ। ତେବେ ପ୍ରଥମରୁ ଯାତ୍ରାକୁ ଯିବା ପାଇଁ ଅନିଚ୍ଛା ଥିଲା ଶୁଭେନ୍ଦୁଙ୍କର। ମହସିନ ତାଙ୍କୁ ବୁଝେଇଦେଲେ ଯେ, ଯାତ୍ରାର ସ୍ଥିତି କ୍ରମଶଃ ସୁଧୁରୁଛି। ଏଥିରେ ଭବିଷ୍ୟତ ଅଛି। ଶୁଭେନ୍ଦୁ ଯୋଗଦେଲେ ବୁଦ୍ଧେଶ୍ୱରୀ ଗଣନାଟ୍ୟରେ। ସେବେଠୁ ଆଉ ସେ ପଛକୁ ଚାହିଁ ନାହାନ୍ତି। ପରେ ପରେ ରାଜଶ୍ରୀ, ବାଘାଯତୀନ, ଶିବାନୀ, କଳିଙ୍ଗ, ଅପେରା ମା' ତାରିଣୀ, ନଟରାଜ, ବିଶ୍ୱ ରଙ୍ଗମହଲ, ଇନ୍ଦ୍ରଭୁବନ, ସ୍ୱର୍ଣ୍ଣମହଲ ଆଦିରେ ଅଭିନୟ କରି ନିଜ କଳାର ପ୍ରଦର୍ଶନ କରିଛନ୍ତି। ସେ ଅଭିନୟ କରିଥିବା ନାଟକଗୁଡ଼ିକ ମଧ୍ୟରେ ରହିଛି 'ଫୁଲ ବଉଳବେଣୀ, ଫୁଲ ଆଣିଥିଲି ଫୁଲବାଣୀରୁ, ଫେରିଲେ କହିବି, କାଉ ରାବିଲାନି କା, ମୁଁ ତୋର କ'ଣ ହେବି, କୋଟିଏ ଝିଅରେ ଗୋଟିଏ ତୁ, ଛ' ଖଣ୍ଡ କାଠରେ ହେବ ସବାରି, ଦୁର୍ଗା, ଜହ୍ନିଫୁଲ ଠୋ ଠା, ମୋ ବୟସ ଷୋହଳ ହେଲେ ତୋ ବୟସ କେତେ ଏବଂ ଆହୁରି ଅନେକ'। ସମ୍ପ୍ରତି ଯାତ୍ରାଶ୍ରୀ ବିଶ୍ୱ ଦରବାରରେ ଅଭିନୟ ଜାରି ରଖିଥିବା ଶୁଭେନ୍ଦୁଙ୍କର ଚଳିତବର୍ଷର ନାଟକ ମଧ୍ୟରେ ରହିଛି ଆକାଶ କଇଁଆ ଚିଲିକା ମାଛ, ତମକଥା ଭାରି ମନେପଡୁଛି, ଭଲ ପାଇବାକୁ ଭୟ ଲାଗୁଛି, ଗୁପ୍ତ ସମ୍ପର୍କ ଏବଂ ବର୍ଷା ରାତିର ସାଥୀ। ମୁଖ୍ୟତଃ ନେଗେଟିଭ୍ ଭୂମିକାରେ ଅଭିନୟ କରିବାକୁ ପସନ୍ଦ କରୁଥିବା ଶୁଭେନ୍ଦୁ କହନ୍ତି, ତାଙ୍କ ବାପା ଶିଶିର କୁମାର ସାହୁ, ମା' କାମିନୀବାଳା ସାହୁ ଏବଂ ଅଭିନେତ୍ରୀ ପତ୍ନୀ ଟିଙ୍କିନାଙ୍କ ସମେତ ଗ୍ରାମବାସୀଙ୍କ ପ୍ରେରଣା ତାଙ୍କୁ ଏତେବାଟ ଟାଣି ଆଣିଛି।

# ଆଗ ମତଦାନ ପରେ ସନ୍ତାନ ଜନ୍ମ

ଭୋଟ୍ ବା ମତଦାନ ହେଉଛି ଏକ ରାଷ୍ଟ୍ରୀୟ ଅଧିକାର। ଏହାକୁ ସବୁ ନାଗରିକ ମାନିବା ଉଚିତ। ଏ କଥାଟିକୁ ପ୍ରଚଣ୍ଡ ଭାବରେ ବିଶ୍ୱାସ କରନ୍ତି ଗ୍ୟାଲିସିଆ ମିଲୋନ୍। ସେଥିଲାଗି ତାଙ୍କ ଲେବର ପେନ୍ ବା ଗର୍ଭଯନ୍ତ୍ରଣା ହେଉଥିବା ସତ୍ତ୍ୱେ ସେ ନିଜକୁ ଭୋଟ୍‌ଦାନରୁ ବିରତ ରଖି ନ ଥିଲେ। ଗ୍ୟାଲିସିଆ ହେଉଛନ୍ତି ଆମେରିକା ବାସିନ୍ଦା। ସେ ଗର୍ଭବତୀ ଥିଲେ। ତାଙ୍କୁ ମଧ୍ୟ ସ୍ଥାନୀୟ ମେଡିକାଲ୍‌ରେ ଭର୍ତ୍ତି କରାଯାଇଥିଲା। କିଛି ଘଣ୍ଟା ମଧ୍ୟରେ ସେ ସନ୍ତାନ ଜନ୍ମ କରିପାରନ୍ତି ବୋଲି ଡାକ୍ତରମାନେ ଜଣେଇ ଦେଇଥିଲେ। ତେବେ ସେହି ଦିନଟି ଥିଲା ଭୋଟ୍ ଗ୍ରହଣର ଦିନ। ଗ୍ୟାଲିସିଆ କେମିତି ବା ଚୁପ୍ ହୋଇ ମେଡିକାଲରେ ରହିପାରିଥାନ୍ତେ। ସେ କହିଲେ ଯେ, ସେ ଭୋଟଗ୍ରହଣ




କେନ୍ଦ୍ରକୁ ଯିବେ ଏବଂ ନିଜର ମତଦାନ ସାବ୍ୟସ୍ତ କରିବେ। ପରିବାର ସଦସ୍ୟ ତଥା ମେଡିକାଲର କର୍ମଚାରୀମାନେ ଏକଥା ଶୁଣି ଆକାଶରୁ ଖସିପଡ଼ିଲେ। ମାତ୍ର ଗ୍ୟାଲିସିଆ ଥିଲେ ନଛୋଡବନ୍ଦା। ସେ ଭୋଟ୍ ଦେବାକୁ ଗଲେ। ସମସ୍ତେ ଆଶଙ୍କା କରୁଥିଲେ ହୁଏତ ଭୋଟ୍ ଗ୍ରହଣ କେନ୍ଦ୍ରକୁ ଯିବା ବାଟରେ ଗ୍ୟାଲିସିଆ ସନ୍ତାନ ଜନ୍ମ କରିପାରନ୍ତି। ମାତ୍ର ସେମିତି କିଛି ଘଟିଲାନି। ଗ୍ୟାଲିସିଆ ଭୋଟ୍ ଦେଲେ। ଆଉ ଫେରିବାର ଠିକ୍ ଦଶମିନିଟ୍ ପରେ ତାଙ୍କର ସନ୍ତାନ ଜନ୍ମ ହେଲା।









# ଏକାସାଙ୍ଗରେ ଦୁଇ ହାତରେ କରନ୍ତି ପେଣ୍ଟିଂ


**କି**ଏ ବାମ ହାତରେ ତ କିଏ ଡାହାଣ ହାତରେ ଚିତ୍ର କରନ୍ତି । ହେଲେ ଆମେରିକା ମିଚିଗାନ୍‌ସ୍ଥ ଡେଟ୍ରୋଏଟ୍‌ର ଆର୍ଟିଷ୍ଟ କୋଲିନ୍ ଡେର୍କ ଚିତ୍ର କରନ୍ତି ଉଭୟ ହାତରେ । ସେ ପୁଣି ଏକାସାଙ୍ଗରେ ଉଭୟ ହାତକୁ ବ୍ୟବହାର କରି । କୋଲିନ୍ ପେସାରେ ଓକିଲ କିନ୍ତୁ ନିଶା ତାଙ୍କର ଚିତ୍ର କରିବା । ଆଉ ସେ ଉଭୟ ହାତକୁ ଏକା ସାଙ୍ଗରେ ବ୍ୟବହାର କରି ତିଆରି କରନ୍ତି ଗୋଟେ ଗୋଟେ ମାଷ୍ଟରପିସ୍ । ସେ ଦୁଇ ହାତରେ ଅଲଗା ଅଲଗା ରଙ୍ଗ ଧରି ସେଲିବ୍ରିଟିଙ୍କଠାରୁ ଆରମ୍ଭ କରି ଜୀବଜନ୍ତୁ, ପ୍ରକୃତି ଆଦିର ପେଣ୍ଟିଂ ଏହିଭଳି କରିଥାଆନ୍ତି ।

# ରବର୍ ଡକ୍‌ରୁ ସୁପରହିରୋ

**ବ୍ୟା**ଟ୍‌ମ୍ୟାନ୍, ସୁପରମ୍ୟାନ୍, ହି ମ୍ୟାନ୍ ପରି ଅନେକ କାଳ୍ପନିକ ସୁପର୍‌ହିରୋ ସମ୍ପର୍କରେ ଜାଣିଥିବେ । ହେଲେ କେବେ ଡକ୍ ସୁପରହିରୋ ସମ୍ପର୍କରେ ଜାଣି ନ ଥିବେ ।



ଜାପାନର ତୋମୋହିରୋ ନିଜ ପାଖରେ ଥିବା ସାତୋଟି ରବର୍ ଡକ୍‌କୁ କାଟି, ଜଏଣ୍ଟ କରି ତାକୁ ଦେଇଛନ୍ତି ଡକ୍ ସୁପର୍‌ହିରୋ ରୂପ । ଆଉ ତାହା ବେଶ୍ ଆକର୍ଷକ ହୋଇଛି । ହାତ ଗୋଡ ହଲାଇ ପାରୁଥିବା ଏହି ଡକ୍ ସୁପରହିରୋକୁ ଦେଖିଲେ ଲାଗେ ଏହା ବହୁ ମୂଲ୍ୟର ଅଟେ । ହେଲେ ମାତ୍ର ୧୦୦ ୟେନ୍‌ରେ କିଣିଥିବା ରବର୍ ଡକ୍‌ରେ ଏହା ତିଆରି ।



# ଚାଣ୍ଡେଲିୟର୍ ୱେଡିଂ କେକ୍

**ମା**ଲେସିଆର ଅଭିନେତ୍ରୀ ଜାହିରା ମାକ୍‌ୱିଲସନ୍ ଓ ଅଭିନେତା ଐମାନ ହକିମ୍ ରେଜାଙ୍କର ନିକଟରେ ବିବାହ ହୋଇଛି । ଏହି ବିବାହରେ କିଛି ସ୍ୱତନ୍ତ୍ର ହେବ ବୋଲି ସମସ୍ତ ଅତିଥି ଭାବିଥିଲେ । ହେଲେ ସେମାନେ ଯେ ଏକ ବଡ ଆଶ୍ଚର୍ଯ୍ୟକର ଜିନିଷ ଦେଖିବେ କେବେ ଭାବି ନ ଥିଲେ । ସେଠାରେ ଏକ ବିରାଟକାୟ ୱେଡିଂ କେକ୍ ଓଲଟାଭାବେ ସିଲିଂରୁ ଝୁଲି ରହିଥିଲା । ଆଉ ତାହା ଏତେ ସୁନ୍ଦରଭାବେ ଡେକୋରେଟ୍ ହୋଇଥିଲା ଯେ, ତାହା ଲାଗୁଥିଲା ଏକ ଚାଣ୍ଡେଲିୟର୍ ପରି । ସମସ୍ତଙ୍କ ନଜର ତାରି ଉପରେ ଲାଖି ରହିଥିଲା । ଆଉ ତାହା କିଭଳି ସମ୍ଭବ ମନେ ମନେ ଭାବୁଥିଲେ । କୁଆଲାଲମ୍ପୁର୍‌ର ପ୍ରସିଦ୍ଧ କେକ୍ ଶପ୍ ଲିଲି ଆଣ୍ଡ ଲୋଲା କେକ୍‌ସ ଏହାକୁ ତିଆରି କରିଥିଲେ । ଏକ ସପ୍ତାହ ଲାଗିଥିଲା ଏହାକୁ ତିଆରି କରିବା ପାଇଁ । କେକ୍ ଶପ୍‌ର ମାଲିକାଣୀ ଲିଲି ଓ ତାଙ୍କ ଭଉଣୀ ଏହାକୁ ତିଆରି କରିଥିଲେ । କେକ୍‌କୁ ଚାଣ୍ଡେଲିୟର୍ ରୂପ ଦେଇ ସିଲିଂରୁ ଝୁଲାଇବା ଥିଲା ତାଙ୍କ ପାଇଁ ଏକ ଚ୍ୟାଲେଞ୍ଜ । ହେଲେ ସେମାନେ ବହୁ କୌଶଳରେ ଏହାକୁ କରି ପାରିଥିଲେ ।

